

# ପାରାଦୀପ ବେଥାନୀ କନଭେଣ୍ଟ ସ୍କୁଲର ୧୫ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଇମ୍ପେଟସ୍ ଉଦଘାଟିତ

ପାରାଦୀପ, ୧୮।୧୨: (ମନ୍ଥନ) ପାରାଦୀପର ଅଗ୍ରଣୀ ଶିକ୍ଷାନୁଷ୍ଠାନ ବେଥାନି କନ୍ଭେଣ୍ଟ ସ୍କୁଲର ୧୫ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଇମ୍ପେଟସ୍ ଗୁରୁବାର ଦିନ ଉଦଘାଟିତ ହୋଇଯାଇଛି । ଏହି ଉଦଘାଟନି ଉତ୍ସବରେ ପାରାଦୀପ ପୌରପାଳିକା ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଏବଂ ପାରାଦୀପ ବନ୍ଦର ପ୍ରାଧିକରଣ ର ମୁଖ୍ୟ ଅର୍ଥ ପରାମର୍ଶଦାତା ଅଶୋକ କୁମାର ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ୧୫ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତାର ଉଦଘାଟନ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ବିଶ୍ୱାଳ ପ୍ରତିଯୋଗୀ ଖେଳାଳି ମାନଙ୍କୁ ଉତ୍ସାହିତ କରିବାସହ ବିଦ୍ୟାଳୟର ଏଭଳି କାର୍ଯ୍ୟକ୍ରମ ଦ୍ୱାରା କ୍ରୀଡା କ୍ଷେତ୍ରରେ ଅନେକ



ଲୁକ୍କାୟିତ କ୍ରୀଡା ପ୍ରତିଭା ଆଗାମି ଦିନରେ ଜିଲ୍ଲା ତଥା ରାଜ୍ୟ ସ୍ତରରେ ଅଂଶଗ୍ରହଣ କରି ପାରାଦ୍ୱୀପ ପାଇଁ ସୁନାମ ଆଣିବେ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ । ଏହି କ୍ରୀଡା ପ୍ରତିଯୋଗିତା ଦୁଇଦିନ ଧରି ଚାଲିବାକୁ ଥିଲାବେଳେ ପ୍ରାୟ ଆଠଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି । ବିଦ୍ୟାଳୟର ଅଧ୍ୟକ୍ଷ ଫାଦର ସୁନିଲ ଲାକ୍ରା ଓ ମ୍ୟାନେଜର ଫାଦର ନିହାର ରଞ୍ଜନ ପରିଛା ଙ୍କ ପ୍ରତ୍ୟକ୍ଷ ତ୍ୱାବଧାନରେ ଏହି ବାର୍ଷିକ କ୍ରୀଡା ପ୍ରତିଯୋଗିତା ଆୟୋଜିତ ହୋଇଛି । ଆସନ୍ତାକାଲି ଏହି ବାର୍ଷିକ କ୍ରୀଡା ପ୍ରତିଯୋଗିତାର ଉଦଯାପନି ଉତ୍ସବ ଅନୁଷ୍ଠିତ ହେବ । ଏହି କ୍ରୀଡା ପ୍ରତିଯୋଗିତା କୁ ବିଦ୍ୟାଳୟର କ୍ରୀଡା ଶିକ୍ଷକ ସତ୍ୟବ୍ରତ ସ୍ୱାଇଁ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଏଥିରେ ସକ୍ରିୟ ସହଯୋଗ କରିଥିଲେ ।

# ସୁତନ ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ

କୋଣାର୍କ, ୧୮/୧୨ (ମନ୍ଥନ) ସୁତନ ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟରେ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସୁତନ ପଞ୍ଚାୟତର ସରପଞ୍ଚ ମେନକା ବେହେରା, ସମ୍ମାନିତ ଅତିଥି ଭାବେ ସିଆରସିସି ତ୍ରିଲୋଚନ ବେଜ ଓ ସାମ୍ବାଦିକ ତଥା ସମାଜସେବୀ ଦେବୀ ପ୍ରସାଦ ନାୟକ ପ୍ରମୁଖ ଯୋଗଦେଇ କ୍ରୀଡା ଉତ୍ସବକୁ ଉଦ୍ଘାଟନ କରିବା ସହ କ୍ରୀଡା ହେଉଛି ଛାତ୍ର ଛାତ୍ରୀ ମାନଙ୍କର ଶାରୀରିକ ବିକାଶ ପାଇଁ ଏକ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ।ଉଭୟ ବିଦ୍ୟାଳୟର ଶିକ୍ଷକ,



ଶିକ୍ଷୟତ୍ରୀ ମାନେ ଉପସ୍ଥିତ ଥିଲେ। ସୁତନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାଥ ପାଢୀ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର କାହଳ, ଶିକ୍ଷକ ଶରତଚନ୍ଦ୍ର ଭୋଳ, ସୌମ୍ୟ ରଂଜନ ମିଶ୍ର, ଶିକ୍ଷୟିତ୍ରୀ, ଶୁଭଲକ୍ଷ୍ମୀ ଦାସ, ନିବେଦିତା ଜେନା, ପ୍ରଭାତୀ କୁମାରୀ ଦେଇଉଷାରାଣୀ ମହାପାତ୍ର, ପ୍ରମୁଖ ଉପସ୍ଥିତ ରହିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଦୌଡ଼, ମ୍ୟୁଜିକ ଚେୟାର, ପୁଚି, ଧିର ସାଇକେଲ ଚାଳନା, ସର୍ଟ ପୁଟ, ଲଙ୍ଗ ଜମ୍ପ, ହାଇ ଜମ୍ପ, ଆଦି ବିଭିନ୍ନ ପ୍ରକାରର ମଜାଦାର ଖେଳ ଅନୁଷ୍ଠିତ ହୋଇଥିଲା।ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ କରାଜାଇଥବା ବେଳେ ନାଟକ ମାଧ୍ୟମରେ ନାରୀ ସୁରକ୍ଷା ଓ ନାରୀ ଶିକ୍ଷା ଉପରେ ସଚେତନତାର୍ଥେ ନାଟକ ପରିବେଷଣ କରାଯାଇଥିଲା।କ୍ରୀଡ଼ାରେ ଅଂଶଗ୍ରହଣ କରି କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଉଭୟ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ବୃନ୍ଦ କାର୍ଯ୍ୟକ୍ରମରେ ସହଯୋଗ କରିବା ସହ ପରିଚାଳନା କରିଥିଲେ।

# ମେଧାବୃତ୍ତି ପରୀକ୍ଷାରେ ଛାତ୍ରଙ୍କ କୃତିତ୍ୱ

ଫୁଲନଖରା, ୧୮।୧୨: (ମନ୍ଥନ) କଟକ ଜିଲ୍ଲା ଗୋବିନ୍ଦପୁର ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ର ସାଇ ପ୍ରତ୍ୟୁଷ ସେନାପତି ତୃତୀୟ ଶ୍ରେଣୀ ସରକାରୀ ବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିଛନ୍ତି । ଏହି ସଫଳତା ପାଇଁ ସେ ନିଜ ଶିକ୍ଷାନୁଷ୍ଠାନର ଗୁରୁଜୀ, ଗୁରୁମା ଓ ଘରୋଇ ଶିକ୍ଷକଙ୍କୁ ନିଜର ସଫଳତା ପାଇଁ ଶ୍ରେୟ ଦେଇଛନ୍ତି ପିତା ଯୁବ ବ୍ୟବସାୟୀ ବିଶ୍ୱରଞ୍ଜନ ସେନାପତି ଓ ମାତା ପଦ୍ମଶ୍ରୀ ସାହୁଙ୍କ ପୁତ୍ର ଜଣେ ମେଧାବୀ ଛାତ୍ରଭାବେ ବିଦ୍ୟାଳୟର ଏକାଧିକ ସଫଳତା ପାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଉଛି । ପ୍ରକାଶ ଥାଉକି ମେଧାବୀ ଛାତ୍ର ଜଣକ ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ସ୍ୱର୍ଗତ ବିଭୂତି ଚରଣ ସେନାପତିଙ୍କ ନାତି ଅଟନ୍ତି ଏବଂ ସେ ସଦାସର୍ବଦା ନିଜ ଜେଜେଙ୍କୁ ନିଜର ଆଦର୍ଶ ମାନି ଆଗକୁ ଯିବାକୁ ଚେଷ୍ଟା ଜାରୀ ରଖିଛନ୍ତି ବୋଲି ସ୍ୱୀକାର କରିଥିଲେ ।

# ଚାଷୀ ଧାନ ଦେବେ ମଣ୍ଡିରେ, କଟନି ଛଟନି ବନ୍ଦ କରିବାକୁ ପରାମର୍ଶ ଦେଲେ ମନ୍ତ୍ରୀ

ବୁଗୁଡ଼ା, ୧୮।୧୨: (ମନ୍ଥନ) ସରକାରୀ ସ୍ତରରେ ଚଳିତ ମାସ ୨୩ ତାରିଖ ଠାରୁ ଖରିଫ ଋତୁ ଧାନ ସଂଗ୍ରହ କରିଯିବାକୁ ସ୍ଥିର ହୋଇଥିବାବେଳେ ଜିଲ୍ଲା ଓ ବ୍ଲକ ସ୍ତରରେ ପ୍ରସ୍ତୁତିକୁ ଜୋରଦାର କରାଯାଇଛି । ଏ ନେଇ ବାରମ୍ବାର ବୈଠକ ବସିବା ସହ ଚାଷୀ, ମିଲର, ସମବାୟ ବିଭାଗ ଓ ଯୋଗାଣ ବିଭାଗକୁ ନେଇ ଆଲୋଚନା ଚାଲିଛି । ଏହି ପରିପ୍ରେକ୍ଷୀରେ ବୁଗୁଡ଼ା ବ୍ଲକ କାର୍ଯ୍ୟାଳୟ ପରିସରସ୍ଥ ସଭାଗୃହରେ ମଧ୍ୟ ଏକ ବୈଠକ ଅନୁଷ୍ଠିତ ହୋଇଯାଇଥିବା ବେଳେ ଏଥିରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ସରକାରଙ୍କ ନୀତି ନିୟମ ଅନୁଯାୟୀ ଚାଷୀମାନେ କେବଳ ମଣ୍ଡିରେ ଧାନ ଦେଇ ଏହାର ସଠିକ ମୂଲ୍ୟ ବାବଦକୁ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ପାଇବା ସହ ସମ୍ପୂର୍ଣ୍ଣ ଭାବେ କଟନି ଛଟନି ପ୍ରଥାକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ତହସିଲଦାର ତାପସ ରାଉତ, ବିଡ଼ିଓ ଦୁତିକୃଷ୍ଣ ପାତ୍ର, ବ୍ଲକ କୃଷି ଅଧିକାରୀ ହରପ୍ରିୟା ବେହେରା, ବ୍ଲକ ଯୋଗାଣ ନିରୀକ୍ଷକ ବିବେକାନନ୍ଦ ମହାନ୍ତି, ବ୍ଲକ ଅଧକ୍ଷା ପ୍ରତିନିଧି କେ.ନୀଳମାଧବ ଆଚାରୀ, ବ୍ଲକ ଉପାଧକ୍ଷ ମାନସ ରଞ୍ଜନ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିବାବେଳେ କୃଷି ସମବାୟ ସମିତି ସଂଘର ସଭାପତି ପୂର୍ଣ୍ଣ ଚନ୍ଦ୍ର ବିଷୋୟୀ, ମିଲର୍ସ, କୃଷି ସମବାୟ ସମିତି ସମ୍ପାଦକଗଣ ଏବଂ ଅନେକ ଚାଷୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ବାଲିପଦର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୨ତମ ବାର୍ଷିକୋତ୍ସବ

ବୁଗୁଡ଼ା, ୧୮।୧୨: (ମନ୍ଥନ) ବାଲିପଦର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୩୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଅଛି । ଅଧକ୍ଷ ସରୋଜକାନ୍ତ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଭଞ୍ଜନଗର ଉପଜିଲ୍ଲାପାଳ ଉମା ଶଙ୍କର ମାର୍ଗ ଦର୍ଶନ କରିଥିଲେ । ଏ ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ଛାତ୍ରୀଙ୍କୁ ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିଲା ବେଳେ ଏଥିରେ ପ୍ରାଧ୍ୟାପକ ସୁଶାନ୍ତ କୁମାର ପଣ୍ଡା, କିଶୋର ଚନ୍ଦ୍ର ପଣ୍ଡା, ସୁଜାତା କୁମାରୀ ପଟ୍ଟନାୟକ, ସ୍ମିତା ରାଣୀ ସାହୁ, ଜ୍ଞାନ ଚନ୍ଦ ଗୌୟତ ପ୍ରମୁଖ ସହଯୋଗ କରିଥିଲେ । ଏହି



ବେହେରା, ଉଚ୍ଚଶିକ୍ଷା ବିଭାଗ କ୍ଷେତ୍ରୀୟ ଯୁଗ୍ମ ନିର୍ଦ୍ଦେଶକ ପ୍ରଦୀପ କୁମାର ସାହୁ, ସମାଜସେବୀ ରବୀନ୍ଦ୍ର କୁମାର ପରିଡା, ଯୁବନେତା ମହେନ୍ଦ୍ର ପ୍ରସାଦ ପଣ୍ଡା, ରାଜନେତା ରବୀନ୍ଦ୍ରନାଥ ପ୍ରଧାନ, ବ୍ଲକ ଅଧକ୍ଷା ପ୍ରତିନିଧି କେ.ନୀଳମାଧବ ଆଚାରୀ, ଡିଗ୍ରୀ କଲେଜ ଅଧକ୍ଷ ଗୋପୀନାଥ ମହାନ୍ତି, ସଞ୍ଜୟ କୁମାର ଜେନା ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସବ ପରିଚାଳନାରେ ପ୍ରାଧ୍ୟାପକ ଡ.ଦିଲ୍ଲୀପ କୁମାର ପ୍ରଧାନ, ଡ.ଶିଶିର କୁମାର ନାୟକ, ଏ.ଜୀତେଶ ରାଓ ଦୋରା, ପ୍ରେମାନନ୍ଦ ପ୍ରଧାନ, ଭାବଗ୍ରାହୀ ମହାପାତ୍ର, ପ୍ରଦ୍ୟୁମ୍ନ କୁମାର ପାଢ଼ୀ, ରଶ୍ମୀ ରଞ୍ଜନ ତ୍ରିପାଠୀ, ସଞ୍ଜୟ କୁମାର ପାତ୍ର, କାହ୍ନୁ ଚରଣ ଦାସ, ଭଞ୍ଜ କିଶୋର ଗୈୟତ, ସୋନିଆ ମହାନ୍ତି, ନବଘନ ପ୍ରଧାନ, ରମାକାନ୍ତ ରାଉତ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।

# ଆହତ ଗରୁଡ଼ ପକ୍ଷୀ ଉଦ୍ଧାର କଲା ବନ ବିଭାଗ

ଅନୁଗୁଳ, ୧୮।୧୨: (ମନ୍ଥନ) ଗତ ୧୭ ତାରିଖ ଅପରାହ୍ନରେ ଗୋଟିଏ ଗରୁଡ଼ ବା ଇଗଲ ଆହତ ଅବସ୍ଥାରେ ବଆଁରପାଳ ଓଭର୍ ବ୍ରିଜ ନିକଟରେ ପଡ଼ିଥିବା ଜଣେ ବାଟୋଇ କୃଷ୍ଣ ଚନ୍ଦ୍ର ନାଥ, ବଳରାମପ୍ରସାଦ ଜଙ୍ଗଲ ବିଭାଗ କୁ ଖବର ଦେଇଥିଲେ । ଖବର ପାଇ ଅନୁଗୁଳ ରେଞ୍ଜ ଷ୍ଟାଫ୍ ଏବଂ ମୋବାଇଲ ଭେଟେନାରୀ ୟୁନିଟ



ଆହତ ପକ୍ଷୀ ଟିକୁ ଉଦ୍ଧାର କରି ଚିକିତ୍ସା ଆରମ୍ଭ କରିଥିଲେ । ବର୍ତ୍ତମାନ ଅନୁଗୁଳ ରେଞ୍ଜ ଅଫିସ ରେ ପକ୍ଷୀ ଟି ଚିକିତ୍ସିତ ହେଉଛି । ଉଦ୍ଧାର କାର୍ଯ୍ୟରେ ଫରେଷ୍ଟର ରଞ୍ଜନ ପ୍ରଧାନ, ଫରେଷ୍ଟ ଗାର୍ଡ ଲୁଲୁ ପ୍ରଧାନ, ଫରେଷ୍ଟ ଗାର୍ଡ ଶଙ୍କର ଦାସ ଏବଂ ଭେଟେନାରୀ ଡାକ୍ତର ପି କେ ସିଂହ ଏବଂ ତାଙ୍କ ସହକର୍ମୀ ମାନେ ସାମିଲ ଥିଲେ ।

# ରାଜ୍ୟ ସମୀକ୍ଷା ମିଶନଙ୍କ ଅନୁଗୋଳ ଜିଲ୍ଲା ସ୍ୱାସ୍ଥ୍ୟ ସମ୍ପର୍କରେ ପରିଦର୍ଶନ

ଅନୁଗୋଳ, ୧୮।୧୨: (ମନ୍ଥନ) ଦୀର୍ଘ ତିନି ଦିନ ଧରି ରାଜ୍ୟ ସମୀକ୍ଷା ମିଶନ ର ୭ ଜଣିଆ ଟିମ ଅନୁଗୋଳ ଜିଲ୍ଲା ର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ଉପକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ସ୍ୱାସ୍ଥ୍ୟ ସେବା ସମ୍ପର୍କ ରେ ତଦାରଖ କରିବ । ଏହା ସହିତ ଟୀକାକରଣ, ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ଅମ୍ଲାନ, ରକ୍ତ ଶିକୁଳି, ଅଣସଂକ୍ରାମକ ରୋଗ ଇତ୍ୟାଦି ଏବଂ ଜନସାଧାରଣ ତଥା ସ୍ୱାସ୍ଥ୍ୟ ଉପଭୋକ୍ତା ଠାରୁ ସ୍ୱାସ୍ଥ୍ୟ ସେବାର ଗୁଣବତ୍ତା ବିଷୟରେ ପଚାରି ବୁଝୁଥିଲେ । ଆଜି ଅପରାହ୍ନ ୩ ଘଣ୍ଟିକା ସମୟ ରେ ଜିଲ୍ଲାପାଳ ମହମ୍ମଦ ଅବଦଲ ଅଖତର ଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟ



ପ୍ରକୋଷ୍ଠ ରେ ଏକ ବୈଠକ କରି ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିବା ସହିତ ସ୍ଥିତି କୁ ଜିଲ୍ଲାପାଳ ଙ୍କୁ ରାଜ୍ୟ ସମୀକ୍ଷା ମିଶନ ଅବଗତ କରାଇଥିଲେ । ଏହି ବୈଠକ ରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନ ମୋହନ ପ୍ରଧାନ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ର ଶାଖା ଅଧିକାରୀ, ସହିତ ରାଜ୍ୟ ସମୀକ୍ଷା ମିଶନ ର ଅଧିକାରୀ ଡା. ଆଦିତ୍ୟ ମହାପାତ୍ର, ଡା. ଶୁଭେନ୍ଦୁ କୁମାର ନାୟକ, ଡା. ଦୀନବନ୍ଧୁ ସାହୁ, ସୁଶାନ୍ତ କୁମାର ପାତ୍ର, ସୁକାନ୍ତ କୁମାର ମିଶ୍ର, ସ୍ୱରୂପ ଦାସ, ଡା. ହୀରାଲାଲ ନାୟକ ଙ୍କ ସହିତ ଡି. ପି. ଏ ମ ସୋମ୍ୟାରାଣୀ ଗୌଡ଼ ଓ ଜିଲ୍ଲା ବିତ୍ତ ପରିଚାଳକ ଟିକେଶ୍ୱର ବେହେରା ଙ୍କ ସମେତ ଅନ୍ୟାନ୍ୟ ବ୍ୟକ୍ତି ମାନେ ଉପସ୍ଥିତ ଥିଲେ ।

# ଯାଜପୁର ଜିଲ୍ଲାରେ ସାଇବର ସତର୍କତା ସମ୍ପର୍କିତ ଦିନିକିଆ କର୍ମଶାଳା ଅନୁଷ୍ଠିତ

ଯାଜପୁର, ୧୮।୧୨: (ମନ୍ଥନ) ଯାଜପୁର ଜିଲ୍ଲାରେ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଆନୁକୂଲ୍ୟରେ 'ବେଟି ବଚାଓ ବେଟି ପଢ଼ାଓ' ଅଧୀନରେ ସାଇବର ସତର୍କତା ସମ୍ପର୍କିତ ଏକ ଦିନିକିଆ କର୍ମଶାଳା ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପ ଆରକ୍ଷୀ ଅଧିକ୍ଷକ ରତିକାନ୍ତ ଗିରି କହିଲେ ଆଜିର ସମୟରେ ଛୋଟ ପିଲାଠାରୁ ବୟସ୍କ ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତେ ସ୍ମାର୍ଟ ଫୋନ୍ ବ୍ୟବହାର କରୁଛନ୍ତି। ଫୋନ, ଇନଷ୍ଟାଗ୍ରାମ, ହ୍ୱାଟସଆପ, ଫେସବୁକ୍ ଇତ୍ୟାଦି ସୋସିଆଲ ମିଡିଆରେ ସକ୍ରିୟ ରହୁଛନ୍ତି। ତେବେ ଅପରାଧୀ ମାନେ ସକ୍ରିୟ ହୋଇ ପ୍ରତି କ୍ଷେତ୍ରରେ ଠକେଇ ପାଇଁ ଉଦ୍ୟମ କରୁଛନ୍ତି। ସେଥିପ୍ରତି ଆମେ ସତର୍କ ହୋଇ ସାଇବର ଠକାମୀ ରୁ ବର୍ତି ପରିବା ବୋଲି ଶ୍ରୀ ଗିରି କହିଥିଲେ। ପ୍ରାରମ୍ଭରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଣି ଶ୍ରୀମତୀ ପାର୍ବତୀ ସାହୁ ବେଟି ପଢ଼ାଓ ବେଟି ବଚାଓ ଅଧୀନରେ ସାଇବର ଠକେଇ ରୁ କିଭଳି ଝିଅ ମାନେ ସତର୍କ ଓ ସଚେତନ ରହିବେ ସେ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଉକ୍ତ ସମ୍ମିଳନୀ କକ୍ଷରେ ପ୍ରଶିକ୍ଷକ ଭାବେ ପୋଲିସ ସାଇବର ଏକ୍ସପର୍ଟରୁ ଇନ୍ସପେକ୍ଟର ଅଜୟ ସାହୁ ଏବଂ ଆଡଭୋକେଟ ଅଖିଳ ମୋହନ ଦାସ ସାଇବର ଠକାମୀ ର କିପରି ଶିକାର ନ ହେବେ ଏହାର ଅଧିନିୟମ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁରକ୍ଷା ଅଧିକାରୀ, ପ୍ରୋଗ୍ରାମ ଅଧିକାରୀ, ସବ୍ ଡିଭିଜନାଲ ପି.ଓ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଆର.କେ.ଏସ.କେ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ, ସମସ୍ତ ସି.ଡି.ପି.ଓ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, କିଶୋରୀ ବାଳିକା, ସି.ଏଚ.ଏଲ୍, ରୁଚିକା ସଂଗଠନ ଡି.ସି., ଚାଇଲ୍ଡ ରାଇଟ ଆକ୍ଟିଭିଷ୍ଟ, ହବ ଷ୍ଟାଫ୍ ପ୍ରମୁଖ ଯୋଗଦେଇ ସାଇବର ଅପରାଧର ସଂଜ୍ଞା, କି କି ପ୍ରକାର ଠକାମୀ, ତାହାର ନିରାକରଣ, ସଚେତନତା ଓ ସତର୍କତା ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ଉକ୍ତ କର୍ମଶାଳାରେ ୪ ଜଣ କିଶୋରୀ ବାଳିକା ଯଥା: ଶୁଭଶ୍ରୀ ସୁଭସ୍ମିତା ସେନାପତି, ଲକ୍ଷ୍ମୀପ୍ରିୟା ପୃଷ୍ଟି, ମନୀଷା ମନସ୍ୱିନୀ ଜେନା, ଦିପ୍ତିମୟୀ ଦାସଙ୍କୁ ଅଦ୍ୱିକା କାର୍ଯ୍ୟକ୍ରମ ପାଇଁ ଉତ୍ସାହିତ କରାଯାଇଥିଲା । ସର୍ବଶେଷରେ ସୁରକ୍ଷା ଅଧିକାରୀଣୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଚତୁର୍ବିଂଶ ତମ ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୧୮।୧୨: (ମନ୍ଥନ) ଗାଡକଣ ଆଦିମାତା କଲୋନୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଚତୁର୍ବିଂଶ ତମ ବାର୍ଷିକ ଉତ୍ସବ ମଞ୍ଚେଶ୍ୱର ସ୍ଥିତ ରେଲୱେ ଅଡିଟୋରିୟମ ଠାରେ ମହାସମାରୋହରେ ପାଳିତ ହୋଇଯାଇଛି। ପରିଚାଳନା ସମିତିର ସଭାପତି ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଧ୍ୟାତ୍ମିକ ଗୁରୁ ପ୍ରେମ ଅନ୍ୱଶୀ ଯୋଗଦେଇ ସ୍ରଷ୍ଟାଙ୍ଗ ପ୍ରଣିପାତ ଓ ପ୍ରଣାମ ସମ୍ବନ୍ଧରେ ମାର୍ଗଦର୍ଶନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପୁରୀ ଶଙ୍କରାଚାର୍ଯ୍ୟ ମଠ ଆଦିତ୍ୟ ବାହିନୀର ଅଧ୍ୟକ୍ଷ ପଣ୍ଡିତ ମାତୃ ପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ରୂପେ ନାଲକୋର ପୂର୍ବତନ ସିଏମଡି ତପନ କୁମାର ଚାନ୍ଦ, କେନ୍ଦ୍ରୀୟ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ପ୍ରୀତି ରାୟ, ୧୨ ନଂ ୱାର୍ଡର କର୍ପୋରେଟର ଜୟ'ୀ ସାହୁ ପ୍ରମୁଖ ଯୋଗଦେଇ ରାଷ୍ଟ୍ରଭକ୍ତ, ସତ୍ ଚରିତ୍ର, ଶୃଙ୍ଖଳିତ ନାଗରିକ ନିର୍ମାଣରେ ଶିଶୁ, ଅଭିଭାବକ ଓ ବିଦ୍ୟାଳୟର ଭୂମିକା ସମ୍ପର୍କରେ ମତାମତ ରଖିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଦୀପ୍ତିମୟ ରଥ ବାର୍ଷିକ ବିବରଣୀ ପାଠ କରିଥିଲେ। ବରିଷ୍ଠ ଆଚାର୍ଯ୍ୟ ଜୀବନ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଉପଦେଷ୍ଟା ନନ୍ଦକିଶୋର ସାହୁ ସ୍ୱାଗତ ଭାଷଣ ଦେଇଥିଲା ବେଳେ ସମ୍ପାଦକ ପ୍ରସନ୍ନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତେଯାଗିତାରେ କୃତୀତ୍ୱ ଅର୍ଜନ କରିଥିବା କୃତୀ ଚାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀମାନେ ରଙ୍ଗାରଙ୍ଗ ନୃତ୍ୟ, ସଂଗୀତ ପରିବେଷଣ କରିଥିଲେ। ବିଦ୍ୟାଳୟର କୋଷାଧକ୍ଷ ପବିତ୍ର ସାହୁ ଓ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

# ଚନ୍ଦ୍ରଭାଗା ମାଘ ବୁଡ଼ ପ୍ରସ୍ତୁତି ପ୍ରଥମ ସମନ୍ୱୟ ବୈଠକ

କୋଣାର୍କ, ୧୮।୧୨: (ମନ୍ଥନ) ଆସନ୍ତା ଜାନୁୟାରୀ ୨୫ ତାରିଖରେ ଚନ୍ଦ୍ରଭାଗା ତୀର୍ଥରେ ପବିତ୍ର ମାଘ ସପ୍ତମୀ ବୁଡ଼ । ଏଥି ରଞ୍ଜନ ପୃଷ୍ଟି, ଅତିରିକ୍ତ ଜିଲ୍ଲାପାଳ ନୀଳମାଧବ ଭୋଇ, ଅତିରିକ୍ତ ଏସପି ସଚିନ ପଟେଲ ପ୍ରମୁଖ ଯୋଗ ଦେଇଥିଲେ । ଚଳିତ ବର୍ଷ ଦିଆଯାଇଥିଲା । ଜାନୁୟାରୀ ୨୪ ଓ ୨୫ତାରିଖ ଏହି ଦୁଇ ଦିନ ସୂର୍ଯ୍ୟମନ୍ଦିର ପ୍ରବେଶ ଶୁଳ୍କ ଛାଡ଼ କରାଯିବା ର ବ୍ୟବସ୍ଥା




ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ବୁଧବାର ଅପରାହ୍ନରେ ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ ପ୍ରଥମ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏଥିରେ ଅଧକ୍ଷତା କରିବା ସହ ଚନ୍ଦ୍ରଭାଗା ମାଘ ସପ୍ତମୀ ବୁଡ ବା ମେଳା ଆଧ୍ୟାତ୍ମିକତା ଓ ପୌରାଣିକ ଦୃଷ୍ଟି କୋଣରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ । ଏହାକୁ ଶୃଙ୍ଖଳିତ ଓ ସୁଚାରୁ ରୁପେ ପରିଚାଳନା ପାଇଁ ସମସ୍ତ ବିଭାଗ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଚନ୍ଦ୍ରଭାଗା ମେଳା କୁ ସରସ ସୁନ୍ଦର କରିବା ପାଇଁ ବିବିଧ ପରାମର୍ଶ ମାନ ଦେଇଥିଲେ । ବୈଠକରେମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟ ଚନ୍ଦ୍ରଭାଗା ତୀର୍ଥରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଚନ୍ଦ୍ରଭାଗା ମେଳା ପଡ଼ିଆରେ ପାନୀୟ ଜଳ ଯୋଗାଣ ନିମନ୍ତେ ୬୦ଟି ଷ୍ଟାଣ୍ଡ ପୋଷ୍ଟ, ଏକାଧିକ ପାଣି ଟ୍ୟାଙ୍କର, ୧୦୦ ଅସ୍ଥାୟୀ ଶୌଚାଳୟ, ତୀର୍ଥ ପୁଷ୍କରିଣୀ ଜଳ ନିଷ୍କାସନ ଓ ବିଶୋଧନ, ଟ୍ରାଫିକ ବ୍ୟବସ୍ଥା, ଚନ୍ଦ୍ରଭାଗା, ରାମଚଣ୍ଡୀ ଓ କୋଣାର୍କ ବସଷ୍ଟାଣ୍ଡରେ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର, ମାଘ ଷଷ୍ଠି ଓ ସପ୍ତମୀ ଦୁଇଦିନ ପରିମଳ, ଯାନବାହାନ ପାର୍କିଂ, ଆଲୋକ ବ୍ୟବସ୍ଥା, ସୂଚନା ପ୍ରସାରଣ, ହଜିବା ଖୋଜିବା କେନ୍ଦ୍ର ବ୍ୟବସ୍ଥା, ଯାନବାହାନ ନିୟନ୍ତ୍ରଣ ଆଦି ବ୍ୟବସ୍ଥାକୁ ସୂଚାରୁରୂପେ ସମ୍ପାଦନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ କରାଯିବ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଗୋପ ବିଡ଼ିଓ ଛବିରାଣୀ ସାହୁ, ଅସ୍ତରଙ୍ଗ ବିଡ଼ିଓ ସସ୍ମିତା ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଗୋପ ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ, ନିମାପଡା ତହସିଲଦାର ମନୋଜ କୁମାର ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, କୋଣାର୍କ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ ଜେନା, ତିନି ଠାକୁରଙ୍କ ସେବାୟତ, ମେଳାର ବ୍ୟବସ୍ଥା ସହ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀ, କୋଣାର୍କର ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

# ବ୍ରଦର ଇଲେଭେନ କ୍ଲବ୍ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ନୂଆଗାଁ, ୧୮।୧୨: (ମନ୍ଥନ) ବ୍ରଦର ଇଲେଭେନ କ୍ଲବ, ଭାଟସାହି ପକ୍ଷରୁ ଚିଦାନନ୍ଦ ହସ୍ପିଟାଲ, ନୟାଗଡ଼ ଆନୁକୂଲ୍ୟରେ, ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ହରିପୁର ପଞ୍ଚାୟତର ଭାଟସାହି ଗ୍ରାମ ଖେଳପଡିଆ ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ରକ୍ତଦାନ ଶିବିର କୁ ମୁଖ୍ୟ ଅତିଥି ବରିଷ୍ଠ ଆଇନଜୀବି ପ୍ରେମାନନ୍ଦ ନାୟକ, ସମ୍ମାନିତ ଅତିଥି ହରିପୁର ସରପଞ୍ଚ ଜିତେନ୍ଦ୍ର ଖଟୁଆ, ନୟାଗଡ଼ ଜିଲ୍ଲାର ଜଣାଶୁଣା ସମାଜସେବୀ ଦାମୋଦର ସାହୁ ପ୍ରମୁଖ ଉଦ୍‌ଘାଟନ କରିଥିବା ବେଳେ, ବ୍ରଦର ଇଲେଭେନ୍ କ୍ଲବ୍ ର ସଭାପତି ପ୍ରସନ୍ନ କୁମାର ନାୟକ (ସୋନୁ) ଏବଂ ନୟାଗଡ଼ ଚିଦାନନ୍ଦ ହସ୍ପିଟାଲ ର ପରିଚାଳକ ବିଭୁପ୍ରସାଦ ଦାଶ ଉପସ୍ଥିତ ଥିଲେ। ରକ୍ତ ସଂଗ୍ରହ ପାଇଁ ନୟାଗଡ଼ ବ୍ଲଡ଼ ବ୍ୟାଙ୍କ ପକ୍ଷରୁ କାଉନସିଲର ଅଜୟ କୁମାର ପଟ୍ଟନାୟକ, ଏଲ.ଟି ରବୀନ୍ଦ୍ର କୁମାର ସାହୁ ଏବଂ ରଶ୍ମିତା ସାଥୁଆ। ରକ୍ତ ଦାତା ଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ । ବାହାଡ଼ାଝୋଲା ସ୍ୱାସ୍ଥ୍ୟକେନ୍ଦ୍ର ର ଡାକ୍ତର ରିତେଶ ବଳିୟାର ସିଂହଙ୍କ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିରରେ ୨୦ ଜଣ ଯୁବ ରକ୍ତଦାତାଙ୍କ ଠାରୁ ୨୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଅତିଥିମାନେ ରକ୍ତ ଦାନର ମହତ୍ ସମ୍ପର୍କରେ ଅବଗତ କରାଇବା ସହ ରକ୍ତ ଦାନ ପାଇଁ ଉତ୍ସାହିତ କରିଥିଲେ। ବ୍ରଦର୍ସ ଏଲେଭେନ୍ କ୍ଲବ୍, ଭାଟସାହି ପକ୍ଷରୁ ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ର ଉଦଯାପନୀ ଦିବସ ଅବସରରେ ଆଜି ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ ମାନସ ରଞ୍ଜନ ନାୟକ, ପ୍ରଫୁଲ୍ଲ ନାୟକ, ରାମକୃଷ୍ଣ ନାୟକ, ରଞ୍ଜନ ନାୟକ, ବାଦଲ ନାୟକ, ସିଦ୍ଧାନ୍ତ ନାୟକ, ଶ୍ରୀଧର ନାୟକ, ଶୁଭମ ନାୟକ, ପିଙ୍କି ନାୟକ ଓ ମଞ୍ଜୁ ନାୟକ ଙ୍କ ସମେତ କୋଡ଼ିଏ ଜଣ ଉତ୍ସାହୀ ଯୁବକ ଓ ଯୁବତୀ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ଯାହାକୁ କି ଅଞ୍ଚଳ ବାସି ପ୍ରଶଂସା କରିଛନ୍ତି ।

# ଚାଖି ଖୁଣ୍ଟିଆଙ୍କ ଜୟନ୍ତୀ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ପୁରୀ, ୧୮।୧୨: (ମନ୍ଥନ) ଚଳିତ ବର୍ଷ ସ୍ୱାଧୀନତା ସଂଗ୍ରାମୀ, ଦେଶପ୍ରେମୀ ଚାଖି ଖୁଣ୍ଟିଆ। ବା ଚନ୍ଦନ ହଜୁରୀ ଙ୍କ ୨୦୪ ତମ ଜୟନ୍ତୀ ଜିଲ୍ଲା ପ୍ରଶାସନ ପକ୍ଷରୁ ପାଳନ କରାଯିବ । ପ୍ରତି ବର୍ଷ ଶାମ୍ବ ଦଶମୀ ତିଥିରେ ଚାଖି ଖୁଣ୍ଟିଆ। ଙ୍କ ଜୟନ୍ତୀ ଜିଲ୍ଲା ପ୍ରଶାସନ ଓ ଚାଖି ଖୁଣ୍ଟିଆ। ସ୍ମୃତି ପରିଷଦର ମିଳିତ ଆନୁକୂଲ୍ୟରେ ପାଳିତ ହୋଇଥାଏ । ଚଳିତ ବର୍ଷ ଡିସେମ୍ବର ୩୦ ତାରିଖରେ ଶାମ୍ବ ଦଶମୀ ପଡୁଥିବାରୁ ଚାଖି ଙ୍କ ଜୟନ୍ତୀ ସେହି ଦିନ ପାଳିତ ହେବ । ଏହି ଉତ୍ସବ କୁ ଶୃଙ୍ଖଳା ର ସହ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ପୂର୍ବାହ୍ନରେ ସର୍କିଟ ହାଉସ ମିନି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ



ହୋଇଥିଲା । ଏଥିରେ ଅଧକ୍ଷତା କରି ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଚାଖି ଖୁଣ୍ଟିଆ। କେବଳ ଜଣେ ସଂଗ୍ରାମୀ ଭାବେ ନୁହନ୍ତି ମହାପ୍ରଭୁଙ୍କ ଜଣେ ଶ୍ରେଷ୍ଠ ଭକ୍ତ ଭାବେ ବେଶ ପରିଚିତ । ତାଙ୍କ ଜୟନ୍ତୀ ଙ୍କୁ ସୁନ୍ଦର ଭାବେ ପାଳନ ପାଇଁ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ। ପୁରୀ ପୌର ପାଳିକା ପକ୍ଷରୁ ପିକେଡିଏ ସ୍ଥିତ ଚାଖି ଙ୍କ ପ୍ରତିମୂର୍ତ୍ତି ସ୍ଥଳ, ବୈଠକ ସ୍ଥଳ ପରିଷ୍କାର ପରିଚ୍ଛନ୍ନ ସହ ଆଲୋକ ବ୍ୟବସ୍ଥା ଇତ୍ୟାଦି କରାଯିବ ବୋଲି କହିଥିଲେ । ପ୍ରାରମ୍ଭରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟସୂଚୀ ଅନୁସାରେ ବୈଠକ ପରିଚାଳନା କରିଥିଲେ । ବିସ୍ତୃତ ଆଲୋଚନା ପରେ ସ୍ଥିର ହେଲା ଯେ, ଡିସେମ୍ବର ୩୦ ତାରିଖ ପୂର୍ବାହ୍ନ ୯ ଘଟିକା ସମୟରେ ପିକେଡିଏ ସ୍ଥିତ ଚାଖି ଙ୍କ ପ୍ରତିମୂର୍ତ୍ତି ରେ ଅତିଥି ମାନେ ଓ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ମାଲ୍ୟାର୍ପଣ କରିବେ। ବିଗତ ବର୍ଷ ମାନଙ୍କ ପରି ସ୍କାଉଟ, ଗାଇଡ ପିଲା ମାନେ ଏଥିରେ ଯୋଗ ଦେବେ । ପରେ ସମସ୍ତେ ସଦଭାବନା ସଭାଗୃହ ଠାରେ ଆୟୋଜିତ ସମାରୋହରେ ଯୋଗ ଦାନ କରିବେ । ଅତିଥି ମାନଙ୍କ ଉଦବୋଧନ ପରେ ପୂର୍ବରୁ ଅନୁଷ୍ଠିତ ବିବିଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଙ୍କୁ ପୁରସ୍କୃତ କରାଯିବ । ଏହି ଅବସରରେ ଏକ ଦେଶାତ୍ମବୋଧକ କବିତା ପାଠୋତ୍ସବ ମଧ୍ୟ ଅନୁଷ୍ଠିତ ହେବ ବୋଲି ସ୍ଥିର ହେଲା । ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ସ୍ମୃତି ପରିଷଦର ସଭାପତି ମାୟାଧର ମହାରଣା, ସଂପାଦକ ଧ୍ରୁବ ଚରଣ କର, କାର୍ଯ୍ୟକାରୀ ସଂପାଦକ ପୂର୍ଣ୍ଣଚନ୍ଦ୍ର ଗୋଛିକାର, ଚାଖି ଖୁଣ୍ଟିଆ। ଙ୍କ ଦାୟାଦ ନୀଳକଣ୍ଠ ହଜୁରୀ, ସଦସ୍ୟ ସୁକାନ୍ତ ପଣ୍ଡା ପ୍ରମୁଖ ଯୋଗ ଦେଇ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ର କର୍ମଚାରୀ ମାନେ କାର୍ଯ୍ୟ ପରିଚାଳନା ରେ ସହଯୋଗ କରିଥିଲେ ।

ଶୁକ୍ରବାର ୧୯ଡିସେମ୍ବର,୨୦୨୫ ଭୁବନେଶ୍ୱର

FRIDAY 19 DECEMBER, 2025, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ପାର୍ଲିଆମେଂଟରେ ନିଷ୍ଫଳ ବିତର୍କ !

ପାର୍ଲିଆମେଂଟରେ ଗତ ସପ୍ତାହରେ ଦୁଇଟି ପ୍ରସଙ୍ଗ 'ବନ୍ଦେ ମାତରଂ' ଏବଂ ନିର୍ବାଚନ ସଂସ୍କାର ଉପରେ ସ୍ୱତନ୍ତ୍ର ବିତର୍କ ଉଭୟ ଲୋକସଭା ଓ ରାଜ୍ୟସଭାକୁ ଦୀର୍ଘ ସମୟ ଧରି ଉତ୍‌ଫୁଲିତ ଏବଂ ଉତେଜିତ କରି ରଖିଥିବା ସତ୍ୱେ ଆଲୋଚନାରୁ କୌଣସି ସୁଫଳ ମିଳିନଥିବା ମନେହୁଏ। ଏହା ସତ୍ୟ ଯେ, ବ୍ରିଟିଶ ଶାସନ ବିରୁଦ୍ଧରେ ଭାରତକୁ ସ୍ୱାଧୀନ କରିବା ପାଇଁ ଜାତି, ଧର୍ମ ବର୍ଣ୍ଣ, ନିର୍ବିଶେଷର ବନ୍ଦେ ମାତରଂ ପ୍ରେରଣାର ଉତ୍ସାହ ଥିଲା। ବନ୍ଦେ ମାତରଂ ଗାନ ବିଟ୍ରିଶ ଶାସନ ବିରୁଦ୍ଧରେ କୋଟି କୋଟି ଭାରତୀୟଙ୍କୁ ଏକଜୁଟ କରିପାରିଥିଲା। ବଙ୍କିମ୍ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ୧୮୮୫ ମସିହାରେ ଲିଖିତ ଏବଂ ତାଙ୍କର ଉପନ୍ୟାଶ 'ଆନନ୍ଦମଠ'ରେ ପ୍ରକାଶିତ ବନ୍ଦେ ମାତରଂ ୧୫୦ତମ ବର୍ଷ ପୂର୍ତି ଏବେ ଏହି ବର୍ଷ ଦେଶବ୍ୟାପୀ ପାଳିତ ହେଉଛି। ବିଟ୍ରିଶ ଶାସନରୁ ଦେଶକୁ ସ୍ୱାଧୀନ କରିବା ପାଇଁ ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ନେଇଥିବା ଭାରତୀୟ ଜାତୀୟ କଂଗ୍ରେସ(ଆଇଏନସି) ୧୯୩୭ ମସିହାରେ ଏହାର ଦୁଇଟି ପାରାକୁ ଦେଶବାସୀଙ୍କୁ ଏକଜୁଟ କରିବା ପାଇଁ ଗ୍ରହଣ କରିବାକୁ ନିଷ୍ପତି ନେଇଥିଲା। ପରବର୍ତୀ ସମୟରେ ଦେଶ ସ୍ୱାଧୀନ ହେବା ପରେ ସାଧାରଣତନ୍ତ୍ର ଭାରତର ସମ୍ବିଧାନ ଏହି 'ପାରା' ଦୁଇଟିକୁ ଦେଶର ଜାତୀୟ ଗୀତ ଭାବେ ମର୍ଯ୍ୟଦା ପ୍ରଦାନ କରିଥିଲା। ଏବେ ଏହି ଦୁଇଟି ପାରା ବିଦ୍ୟାଳୟଠାରୁ ଆରମ୍ଭ କରି ବିଭିନ୍ନ ଉତ୍ସବାନୁଷ୍ଠାନରେ ଗାନ କରାଯାଉଛି। ସ୍ୱାଧୀନତା ସଂଗ୍ରାମରେ ବନ୍ଦେ ମାତରଂର ଭୂମିକା ଦେଶବାସୀଙ୍କ ପାଇଁ ଏବେ କେବଳ ସ୍ମରଣୀୟ ହୋଇ ରହିନାହିଁ। ଦେଶବାସୀଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବାରେ ସହାୟକ ହୋଇଛି। ସ୍ୱାଧୀନତା ସଂଗ୍ରାମରେ ଏହାର ଉଦ୍ଧମତା ପ୍ରେରଣା ଏବଂ ଦେଶ ଗଠନରେ ଏହାର ଉଦ୍ଦେଶ୍ୟ, ଲକ୍ଷ୍ୟ ଏବେ ବି ଜନସାଧାରଣଙ୍କ ହୃଦୟରେ ଉଜ୍ଜୀବତ ହୋଇରହିଛି। କିନ୍ତୁ ଦୁର୍ଭାଗ୍ୟ ଜନକ ଯେ, ପାର୍ଲିଆମେଂଟରେ ବନ୍ଦେ ମାତରଂ ଗୀତ ରଚନାର ୧୫୦ତମ ବାର୍ଷିକୀ ସ୍ମୃତି ପାଳନ ବିତର୍କ କେବଳ ଗାଳି, ସମାଲୋଚନାରେ ପାରିତ ହୋଇଥିଲା, ଯାହାକି କେତେକ ପୁରୁଣା କ୍ଷତକୁ ଉଜ୍ଜୀବତ କରିଛି ଏବଂ ଆରୋପ ପ୍ରତ୍ୟାରୋପର କ୍ଷେତ୍ର ପାଲଟିଥିଲା। ଲୋକସଭା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଜ୍ୟସଭାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଆଲୋଚନା ଆରମ୍ଭ କରି ଗୀତର ପ୍ରଥମ ଦୁଇଟି ପାରାକୁ ଗାନ ପାଇଁ ଗ୍ରହଣ କରି ଭାରତୀୟ ଜାତୀୟ କଂଗ୍ରେସ ଦେଶ ବିଭାଜନର ମଂଜି ବୁଣିଥିବା ଦର୍ଶାଇଥିଲେ। ଯେଉଁଥିପାଇଁ କି ସ୍ୱତନ୍ତ୍ର ପାକିସ୍ଥାନ ରାଷ୍ଟ୍ର ଗଠନ ପାଇଁ ମୁସଲିମ ଲିଗ୍ ସମର୍ଥ ହୋଇଥିଲା। ସେହିପରି ବିରୋଧି ଦଳ ପକ୍ଷରୁ ଲୋକସଭାରେ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଭଦ୍ର ଏବଂ ରାଜ୍ୟସଭାରେ କଂଗ୍ରେସର ସଭାପତି ମଲ୍ଲିକାର୍ଜୁନ ଖଡଗେ ବିତର୍କରେ ଅଂଶଗ୍ରହଣ କରି ଗୀତ'ର ଐତିହାସିକ ପରିସ୍ଥିତି ସମ୍ପର୍କରେ ବ୍ୟାଖ୍ୟା କରିବା ସହ ଏହି ବିତର୍କର ଆବଶ୍ୟକତା ସମ୍ପର୍କରେ ପ୍ରଶ୍ନ କରିଥିଲେ। ପ୍ରିୟଙ୍କା କହିଥିଲେ ଯେ, ଅତୀତ ଉପରେ ଆଲୋଚନା କରିବା ପରିବର୍ତେ ପାର୍ଲିଆମେଂଟ ବର୍ତମାନ ଦେଶ ସମ୍ମୁଖୀନ ହୋଇଥିବା ସମସ୍ୟାବଳୀ ଉପରେ ଆଲୋଚନା କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ, ଯାହାକି ଯଥାର୍ଥ ମନେହୁଏ। ଏହା ନିସନ୍ଦେହ ଯେ, ବର୍ତମାନର ଏକ ଜାତୀୟ ସମୁଦାୟ ପାଇଁ ଅତୀତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମାତ୍ର ଏହା ଗୁରୁତ୍ୱପୂର୍ଣ୍ଣ ଯେ, ଇତିହାସ ଉପଯୁକ୍ତ ଶିକ୍ଷା ଆମେ ଗ୍ରହଣ କରିବା ଉଚିତ, କିନ୍ତୁ ବାରମ୍ବାର ଭୁଲକୁ ଏଡାଇଯିବା ଜରୁରୀ। ସ୍ୱାଧୀନତା ଆନ୍ଦୋଳନରେ ବନ୍ଦେ ମାତରଂ, ଜାତି, ଧର୍ମ, ନିର୍ବିଶେଷର ସମସ୍ତ ସମ୍ପ୍ରଦାୟକୁ ଉଦ୍‌ବୁଦ୍ଧ କରିଥିଲା। ହିନ୍ଦୁଙ୍କ ସହ ଲକ୍ଷଲକ୍ଷ ମୁସଲିମ ବନ୍ଦେ ମାତରଂ ଗାନ କରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ମର୍ଯ୍ୟଦାଜନକ ଜାତୀୟ ଗୀତକୁ ନେଇ ପକ୍ଷପାତ ଏବଂ ସାମ୍ପ୍ରଦାୟିକ ରୂପରେଖ ଦେବା ଗ୍ରହଣୀୟ ନୁହେଁ। ସେହିପରି ଦ୍ୱିତୀୟ ପ୍ରସଙ୍ଗଟି ହେଉଛି ନିର୍ବାଚନ ସଂସ୍କାର । ଦେଶରେ ନିର୍ବାଚନକୁ ଅବାଧ, ମୁକ୍ତ, ସ୍ୱଚ୍ଛ କରିବା ବୋଲି କୁହାଯାଇପାରେ। ବହୁ ଚର୍ଚ୍ଚିତ ଭୋଟର ତାଲିକା ଯାଂଚ ତିନି ଦିନ ଧରି ପାର୍ଲିଆମେଂଟ ଅଚଳ ରହିବା ପରେ ଆଲୋଚନା ପାଇଁ ସହମତି ପ୍ରକାଶ ପାଇଥିଲା। ଏହା ନିସନ୍ଦେହ ଯେ, ଯେକୌଣସି ପ୍ରସଙ୍ଗର ସମାଧାନ ପାଇଁ ପାର୍ଲିଆମେଂଟରେ ଆଲୋଚନା ସୁଯୋଗ ବା କ୍ଷେତ୍ର ପ୍ରସ୍ତୁତ କରିଥାଏ। ଦେଶରେ ନିର୍ବାଚନ ପ୍ରକ୍ରୀୟାରେ ସ୍ୱଚ୍ଛତା, ଏସଆଇଆରର ସରଳୀକରଣ, ଏବଂ ସ୍ୱଚ୍ଛତା, ନିର୍ବାଚନ ପାର୍ଣ୍ଣି ବା ବଣ୍ଟରେ ସ୍ୱଚ୍ଛତା, ନିର୍ବାଚନ କମିଶନଙ୍କ ସ୍ୱାଧୀନତା ଉପରେ ଆଲୋଚନାର ଆବଶ୍ୟକତା ଥିବାବେଳେ ବିରୋଧ୍ ଦଳ ନେତା ରାହୁଲ ଗାନ୍ଧୀ ମୁଖ୍ୟ ପ୍ରସଙ୍ଗକୁ ଏଡାଇ ଯାଇ ତାଙ୍କର ବହୁଚର୍ଚ୍ଚିତ ଭୋଟ ଚୋରୀ ଉପରେ ବିତର୍କ କରିବା ଯାହାକି କୌଣସି ପ୍ରଶ୍ନ, ଛାଡିଯାଇ ନାହିଁ କି ଉତର ପାଇବା ଆଶା ନଥିବା ମନେହୁଏ। ନିର୍ବାଚନ ସଂସ୍କାର ପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ବିରୋଧି ହାତ ଛଡା କରିଛି, ଏଥିରେ ସନ୍ଦେହ ନାହିଁ।

# ଟକ୍ସିକ ଫ୍ରେଣ୍ଡ

## ଡକ୍ଟର ସୁରେଶ କୁମାର ନାୟକ

'କଥାରେ ଅଛି ଦୁର୍ଜନ ସଙ୍ଗେ କଲେ ବାସ ନିଷ୍ଟେ ହୋଇବ ସର୍ବନାଶ।' ଶ୍ରୀମଦ ଭାଗବତର ଏହି ଅମୂଲ୍ୟ ବାଣୀ ଆମ ସମସ୍ତଙ୍କ ପାଇଁ ନୀତିବାଣୀ ସଦୃଶ। ଅର୍ଥାତ୍ ଦୁଷ୍ଟ ଲୋକ ବା ଖରାପ ସାଙ୍ଗ ଠାରୁ ଦୂରେଇ ରହିବା ଦରକାର। ନଚେତ ପଥ ହୁଡ଼ିବାର ଆଶଙ୍କା ରହିଥାଏ। ସବୁ କ୍ଷେତ୍ରରେ ଉନ୍ନତି କରିବାକୁ ହେଲେ କିଏ ବେଷ୍ଟ ଫ୍ରେଣ୍ଡ ଆଉ କିଏ ଟକ୍ସିକ ଫ୍ରେଣ୍ଡ ତାହା ଜାଣିବା ଦରକାର। ବନ୍ଧୁତା ହେଉଛି ଜୀବନର ସର୍ବୋତ୍ତମ ସୁଖଦ ଅନୁଭବ। ଭଲ ସାଙ୍ଗଟିଏ ସୁଖଦୁଃଖ ସବୁ ସମୟରେ ପାଖରେ ରହେ। ସବୁବେଳେ ଉନ୍ନତି ଚାହେଁ। ଏମିତିକି କୌଣସି ପ୍ରକାରର ଭୁଲ ହୋଇଗଲେ ଶତ୍ରୁତା ଆଚରଣ କରିବା ବଦଳରେ ଆମ ସହିତ ରହିଥାଏ। ହେଲେ ସାଙ୍ଗମାନଙ୍କ ମଧ୍ୟରେ ଏମିତି କେତେ ଜଣ ଥାଆନ୍ତି ଯେଉଁମାନେ ଭଲ ସାଙ୍ଗ ବୋଲି କହନ୍ତି କିନ୍ତୁ ପ୍ରକୃତ ଅର୍ଥରେ ସେମାନେ ଉନ୍ନତି ସହି ପାରନ୍ତି ନାହିଁ ଓ ବ୍ୟାପକ ଅର୍ଥରେ ଦେଖିଲେ କ୍ଷତି କରିବାକୁ ଚାହାନ୍ତି। ଏଭଳି ସାଙ୍ଗମାନେ ଧୀରେ ଧୀରେ ଆତ୍ମବିଶ୍ୱାସ ଦୁର୍ବଳ କରିଦିଅନ୍ତି ଓ ଜୀବନର ସୁଖ ଶାନ୍ତି ଛଡ଼ାଇ ନିଅନ୍ତି। ବେଷ୍ଟ ଫ୍ରେଣ୍ଡମାନେ ଶକ୍ତି ସାମର୍ଥ୍ୟ ଭାବେ ପାଖରେ ରହୁଥିବାବେଳେ ଟକ୍ସିକ ଫ୍ରେଣ୍ଡ ଦୁର୍ବଳତା ବା ବିଫଳତାର କାରଣ ପାଲଟି ଯାଆନ୍ତି। ତେଣୁ ପିଲାମାନେ ନିଜର ଏଇ ପ୍ରକାର ବନ୍ଧୁମାନଙ୍କ ମଧ୍ୟରେ ଥିବା ଫରକ ଅନୁଭବ କରିବା ଦରକାର।

ପ୍ରକୃତ ବନ୍ଧୁ ସଫଳତା ଶୁଣିଲେ ଖୁସି ହୁଅନ୍ତି। ମାତ୍ର ଟକ୍ସିକ ଫ୍ରେଣ୍ଡ ସଫଳତାରେ ଈର୍ଷା କରନ୍ତି। ସିଧାସଳଖ କିଛି ନ କହିଲେ ବି ଅନ୍ୟମାନଙ୍କ ଆଗରେ ନିନ୍ଦା କରନ୍ତି। ପ୍ରକୃତ ଅର୍ଥରେ ସେମାନେ ଅଧିକ ସଫଳ ବୋଲି ତୁଳନା କରି ଦର୍ଶାଇଥାନ୍ତି। କିଛି ଦିନ ମିଶିବା ପରେ ସାଙ୍ଗମାନଙ୍କ କଥାବର୍ତ୍ତା ଓ ବ୍ୟହାରକୁ ଏସବୁ ଅନୁଭବ କରିହେବ। ତେଣୁ ଏଭଳି ସାଙ୍ଗମାନଙ୍କୁ ଚିହ୍ନିବା ପରେ ସେମାନଙ୍କ ଠାରୁ ଯଥାସମ୍ଭବ ଦୂରତା ରଖିବା ଦରକାର।

ଭଲ ବନ୍ଧୁଟିଏ ସବୁବେଳେ ସତ ଘଟଣା କହିବ ଓ ପ୍ରକୃତ ସତ୍ୟ ପ୍ରକାଶ କରିବ। ହୁଏତ ସେହି ସତ ଶୁଣିବା ପାଇଁ କଷ୍ଟ ଲାଗିପାରେ, ହେଲେ ଭବିଷ୍ୟତ ପାଇଁ ସଚେତନ ହେବାର ସୁଯୋଗ ମିଳିବ, ଆଉ ନିଜର ଭୁଲ ସୁଧାରିବା ପାଇଁ ସୁଯୋଗ ପାଇପାରିବେ। କିନ୍ତୁ ଏଭଳି କ୍ଷେତ୍ରରେ ଟକ୍ସିକ ଫ୍ରେଣ୍ଡମାନେ ସତ ଲୁଚାଇ ଚାଲାକିରେ ବ୍ୟବହାର କରି ନିଜର ସ୍ୱାର୍ଥ ହାସଲ କରନ୍ତି।

ବେଷ୍ଟ ଫ୍ରେଣ୍ଡ ଆପଣଙ୍କ ପରିଶ୍ରମ ଓ କୌଣସି ଚିନ୍ତାଧାରାକୁ ନେଇ ସକାରାତ୍ମକ ମନ୍ତବ୍ୟ ଦିଅନ୍ତି। କାମରେ ଅଧିକ ସଫଳତା ନିମନ୍ତେ ପ୍ରେରଣା ଦିଅନ୍ତି। ଏହାଫଳରେ ଉତ୍ସାହର ସହିତ କାମ କରିବାପାଇଁ ପ୍ରେରଣା ମିଳିବ। ଅନ୍ୟପକ୍ଷରେ ଖରାପ ସାଙ୍ଗମାନେ ଏହି ପରିସ୍ଥିତିରେ ନେଗେଟିଭ କଥା କହି ଥଟ୍ଟା ପରିହାସ କରନ୍ତି। ଭଲ ସାଙ୍ଗମାନେ ଅନ୍ୟ ଜଣେ ସାଙ୍ଗର କୌଣସି ପ୍ରକାରର ସଫଳତାରେ ଖୁସ ହୁଅନ୍ତି। ଅନ୍ୟପକ୍ଷରେ ଟକ୍ସିକ ଫ୍ରେଣ୍ଡ ଖୁସି ହେବା ଭଳି ଅଭିନୟ କରନ୍ତି କିନ୍ତୁ ବିଭିନ୍ନ ପ୍ରକାରର ଅସୁବିଧା ସୃଷ୍ଟି କରିବାକୁ ଚେଷ୍ଟା କରନ୍ତି। ଏମତିକି ସେମାନେ ଅନ୍ୟମାନଙ୍କ ଆଗରେ ନିନ୍ଦା କରିବାକୁ ବି ପଛାନ୍ତି ନାହିଁ।

ଖରାପ ସାଙ୍ଗମାନେ ଉପରେ ଆଦୌ ଭରସା କରି ହେବନି। ଠକ ସମୟରେ ସେମାନେ ଅସୁବିଧାରେ ପକାଇବା ପାଇଁ ସୁଯୋଗ ସୃଷ୍ଟି କରିଦିଅନ୍ତି। ହେଲେ ଭଲ ସାଙ୍ଗଟିଏ ଅସୁବିଧା ଯେପରି ନ ହେବ ସେଥିପାଇଁ ସବୁ ପ୍ରକାରର ଚେଷ୍ଟା କରନ୍ତି। ସେମାନେ ଯାହା କରିବାପାଇଁ କଥା ଦେଇଥାନ୍ତି ସେହି ଅନୁସାରେ ଚେଷ୍ଟା ବି କରନ୍ତି। ସାଙ୍ଗମାନଙ୍କ ସହିତ କିଛି ଦିନ ମିଶିବା ପରେ ଧୀରେ ଧୀରେ ଏଭଳି ଅନେକ ପ୍ରଭେଦକୁ ଅନୁଭବ କରିହେବ। ତେଣୁ ଏ ନେଇ ସଚେତନ ହୋଇ ଲକ୍ଷ୍ୟ କରିବାକୁ ହେବ।

ପିଲାମାନେ ସାଧାରଣତଃ ଭଲ ମନ୍ଦର ଫରକ ଜାଣିବା ପାଇଁ ବହୁତ ସମୟ ଲାଗିଥାଏ। ତେଣୁ ସେମାନେ ସହଜରେ ଟକ୍ସିକ ଫ୍ରେଣ୍ଡମାନଙ୍କୁ ଜାଣିପାରନ୍ତି ନାହିଁ। ଏଭଳି କ୍ଷେତ୍ରରେ ଅଭିଭାବକଙ୍କର ସହାୟତା ନେବା ଉଚିତ ହେବ। ସାଙ୍ଗମାନଙ୍କ ସହିତ ପ୍ରତ୍ୟେକ ଦିନର କାର୍ଯ୍ୟକଳାପ ସମ୍ପର୍କରେ ଘରେ ଅଭିଭାବକଙ୍କୁ ଜଣାନ୍ତୁ। ଏଭଳି ହେଲେ ଅଭିଭାବକମାନେ ସହଜରେ ସାଙ୍ଗମାନଙ୍କ ଉଦ୍ଦେଶ୍ୟ ଜାଣିପାରିବେ ଓ ଭୁଲ ଠିକ କ'ଣ ସେ ସମ୍ପର୍କରେ ଜଣାଇପାରିବେ। ସେମାନଙ୍କ ନିର୍ଦ୍ଦେଶ ଅନୁସାରେ ସାଙ୍ଗମାନଙ୍କ ସହିତ ମିଶିଲେ ଭବିଷ୍ୟତରେ କୌଣସି ଅସୁବିଧା ହେବନାହିଁ। ଅବଶ୍ୟ ଏକ ନିର୍ଦ୍ଦିଷ୍ଟ ବୟସ ଆସିଲେ ଏସବୁ ବିଷୟରେ ଆପେ ଆପେ ଜାଣିପାରିବେ, କିନ୍ତୁ ପିଲାମାନେ ସବୁବେଳେ ଘରେ ଗୁରୁଜନଙ୍କ ଆଗରେ ସବୁକଥା ପ୍ରକାଶ କରନ୍ତୁ।

ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ
ର-ଙ୍କବସକ୍ଷ : ଶ୍ବ୨୭୧୧୬୯ଅଶଙ୍କବସକ୍ଷ.ମକ୍ଟଙ୍କ

# ହିନ୍ଦୁମାନେ ଯିବେ କେଉଁଠାକୁ

## ଲକ୍ଷ୍ମୀକାନ୍ତ ପ୍ରଧାନ

୨୨ ଏପ୍ରିଲ ୨୦୨୫ ଦିନ ଜାମ୍ମୁ କାଶ୍ମୀରର ପହଲଗାମ୍ ପର୍ଯ୍ୟଟନ ସ୍ଥଳରେ ଉଗ୍ରବାଦୀମାନେ ୨୬ ଜଣ ହିନ୍ଦୁ ପର୍ଯ୍ୟଟକଙ୍କୁ ଗୁଳିମାରି ହତ୍ୟା କରିଦେଲେ । ଉଗ୍ରବାଦୀମାନଙ୍କର ତାଣ୍ଡବ କାଶ୍ମୀର ଉପତ୍ୟକାରେ ବହୁବର୍ଷରୁ ଚାଲିଆସୁଛି । କଶ୍ୟପ ଋଷିଙ୍କ ଦ୍ୱାରା ସ୍ଥାପିତ କାଶ୍ମୀରରେ ହିନ୍ଦୁମାନେ ହିଁ ବାସ କରୁଥିଲେ । ଖ୍ରୀ.ପୂ. ୨୫୦ରେ ମୌର୍ଯ୍ୟ ସମ୍ରାଟ ଅଶୋକ ଶ୍ରୀନଗର ସହରର ସ୍ଥାପନା କରିଥିଲେ । ଏହାପରେ କୁଶାଣ ସାମ୍ରାଜ୍ୟ, କାରକୋଟା ସାମ୍ରାଜ୍ୟ ଉତ୍ପଳ ସାମ୍ରାଜ୍ୟ, ଲେହର ସାମ୍ରାଜ୍ୟ ଏଠାରେ ରାଜୁତି କରିଥିଲେ । ଉକ୍ତ ସାମ୍ରାଜ୍ୟର ରାଜୁତି ସମୟରେ ହିନ୍ଦୁ ଓ ବୌଦ୍ଧଧର୍ମର ଉତ୍‌ଥାନ କାଶ୍ମୀରରେ ହୋଇଥିଲା । ୧୩୨୦ ଖ୍ରୀଷ୍ଟାବ୍ଦରୁ କାଶ୍ମୀର ଉପତ୍ୟକାରେ ମୁସଲମାନ ଶାସନ ଆରମ୍ଭ ହୋଇଥିଲା ୧୫୮୬ ରୁ ୧୭୫୨ ପର୍ଯ୍ୟନ୍ତ ମଧ୍ୟ କାଶ୍ମୀର ଭୁଖଣ୍ଡରେ ମୋଗଲମାନେ ଶାସନ କରିଥିଲେ । ୧୮୧୯ ମସିହାରୁ କାଶ୍ମୀର ଶିଖ୍ ସାମ୍ରାଜ୍ୟର ଅର୍ନ୍ତଭୁକ୍ତ ହୋଇଥିଲା । ୧୮୪୬ ମସିହାରେ ଡ଼ୋଗ୍ରା ଶାସକମାନେ କାଶ୍ମୀର ଭୁଖଣ୍ଡରେ ଶାସନ କରିଥିଲେ । ୧୯୪୭ ମସିହାରେ ଡ଼ୋଗ୍ରା ରାଜା ହରିସିଂହ କାଶ୍ମୀରକୁ ଭାରତ ସହ ମିଶ୍ରଣ କରାଇଥିଲେ । କିନ୍ତୁ ତତ୍‌କାଳୀନ ଭାରତ ସରକାରଙ୍କ ନିଷ୍ପତି ଯୋଗୁଁ ଅଧା କାଶ୍ମୀର ପାକିସ୍ଥାନର ଦଖଲରେ ରହିଯାଇଥିଲା, ଯାହା ଆଜି ପର୍ଯ୍ୟନ୍ତ ମୁକ୍ତି ହୋଇପାରିନାହିଁ । ତେଣୁ ପୁରାତନ କାଳରୁ କାଶ୍ମୀର ଭାରତର ଅଙ୍ଗରୂପେ ଶୋଭା ପାଉଥିଲା । କିନ୍ତୁ ସ୍ୱାଧିନ ଭାରତରେ କାଶ୍ମୀର ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର ଆରମ୍ଭ ହେଲା । ୧୯୯୦ ମସିହାରେ ତତ୍‌କାଳୀନ ଭାରତ ସରକାରଙ୍କ ନିଷ୍ପତି ଯୋଗୁଁ କାଶ୍ମୀର ହିନ୍ଦୁମାନଙ୍କୁ ସେମାନଙ୍କର ମାତୃଭୂମି ପରିତ୍ୟାଗ କରିବାକୁ ପଡ଼ିଲା ।

ସମଗ୍ର ବିଶ୍ୱରେ ଜନସଂଖ୍ୟା ୩୧.୬% ଖ୍ରୀଷ୍ଟିୟାନ, ୨୫.୮% ଇସଲାମ, ୧୫.୧% ହିନ୍ଦୁ ଓ ୬.୯% ବୌଦ୍ଧ ଅଟନ୍ତ । ଉକ୍ତ ୧୫.୧% ହିନ୍ଦୁମାନେ ମୁଖ୍ୟତଃ ଭାରତୀୟ ଉପମହାଦେଶରେ ବାସ କରୁଛନ୍ତି । ଖ୍ରୀଷ୍ଟିୟାନ, ଇସଲାମ ଓ ବୌଦ୍ଧ ଧର୍ମର ସୁରକ୍ଷା ପାଇଁ ଅନେକ ଦେଶ କାର୍ଯ୍ୟ କରୁଛନ୍ତି । ସେହି ଦେଶମାନେ ନିଜ ଦେଶରେ ଉକ୍ତ ଧର୍ମକୁ ରାଜଧର୍ମର ମାନ୍ୟତା ଦେଇଛନ୍ତି । ଯାହାଦ୍ୱାରା କି ଉକ୍ତ ଦେଶରେ ଅନ୍ୟ ଧର୍ମର ଉତ୍‌ଥାନ ସମ୍ଭବ ହୋଇପାରୁନାହିଁ । ଏହାର ବିପରୀତ କୌଣସି ଦେଶ ହିନ୍ଦୁଧର୍ମକୁ ରାଜଧର୍ମ ରୂପରେ ଗ୍ରହଣ କରିନାହାଁନ୍ତି । ତେଣୁ ସମଗ୍ରବିଶ୍ୱରୁ ହିନ୍ଦୁମାନେ ସଂକୁଚିତ ହେବାର ଲାଗିଛନ୍ତି । ଏହି ଧର୍ମାବଲମ୍ବୀମାନେ ଧିରେ ଧିରେ ଭାରତ ଉପମହାଦେଶରେ ସୀମିତି ହୋଇଯାଇଛନ୍ତି ।

ହିନ୍ଦୁ ଧର୍ମ ଏକ ମାନବ କଲ୍ୟାଣକାରୀ ଧର୍ମ । ମାନବର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସୁସ୍ଥ ଜୀବନ ପାଇଁ ଉନ୍ନତ ଜୀବନଶୈଳୀକୁ ଏହି ଧର୍ମ ଶିକ୍ଷାଦିଏ ।

ମାନବ ଶିଶୁକୁ ୧୬ ସଂସ୍କାର ହିନ୍ଦୁଧର୍ମ ପ୍ରଦାନ କରିଛି । ଉକ୍ତ ସଂସ୍କାରଗୁଡ଼ିକୁ ଯଦି ଆମ୍ଭେମାନେ ସଠିକ୍ ଭାବରେ ପ୍ରଦାନ କରିପାରନ୍ତେ ତେବେ ନିଶ୍ଚିତ ରୂପରେ ଉକ୍ତ ଶିଶୁ ଏକ ସୁନାଗରିକ ରୂପରେ ପରିଣତ ହେବ । ଉକ୍ତ ସଂସ୍କାର ଗୁଡ଼ିକ ହେଲା ଗର୍ଭାଧାନ, ପୁଂସବନ, ସୀମନ୍ତ ସଂସ୍କାର, ଜାତକର୍ମ, ନାମକରଣ ନିଷ୍କ୍ରମଣ, ଅନ୍ନପ୍ରାସନ, ଚୁଡ଼ାକର୍ମ, ବିଦ୍ୟାରମ୍ଭ ଭୃତ ସଂସ୍କାର, କର୍ଣ୍ଣବୋଧ, ଯଜ୍ଞୋପବିନ, ବେଦାରମ୍ଭ, କେସାନ୍ତ, ସମାବ ନ ବିବାହ, ଅନ୍ତେଷ୍ଟି । ଆଜିକାଲିର ମାନବମାନଙ୍କ ମଧ୍ୟରେ ହିଂସା, ଦ୍ୱେଶ, କ୍ରୋଧ, ଲୋଭ, ମୋହ, ଅହଂକାର ଇତ୍ୟାଦି କୁଗୁଣଗୁଡ଼ିକ ବୃଦ୍ଧି ପାଉଛି । ସେମାନଙ୍କ ମଧ୍ୟରେ ସ୍ୱାର୍ଥପରତା ଅତ୍ୟଧିକ ପରିମାଣରେ ବୃଦ୍ଧିପାଉଛି । ସେଥିପାଇଁ ଆଜିକାଲିର ସମାଜରେ ହତ୍ୟା, ଆତ୍ମହତ୍ୟା, ଚୋରୀ, ଡକାୟତି, ଦୁର୍ନିତି, ଲଣ୍ଠନ, ବିବାହ ବିଚ୍ଛେଦ, ବୃଦ୍ଧ ପିତାମାତାଙ୍କୁ ଅନାଦର, ଇତ୍ୟାଦି ଇତ୍ୟାଦି ବୃଦ୍ଧିପାଉଛି । ପିଲାମାନଙ୍କ ମଧ୍ୟରେ ଆଳସ୍ୟତା, କର୍ମହୀନତା, ସକାଳୁ ଡେରିରେ ଉଠିବା, ରାତ୍ର ଜାଗରଣ ହୋଇ ମୋବାଇଲ ଓ ଲାପଟପ୍ ବ୍ୟବହାର, ଅଭଦ୍ରାମି ଇତ୍ୟାଦି ବୃଦ୍ଧି ପାଉଛି । ଲକ୍ଷ୍ୟପଥରୁ ବିଚ୍ୟୁତ ହୋଇ କୁପଥଗାମୀ ହେଉଛନ୍ତି । ଶେଷରେ ସେମାନଙ୍କର ଜୀବନ ବିପଦ ଶଙ୍କୁଳ ପଥରେ ଯିବାକୁ ବାଧ ହେଉଛି ।

ମାନବ ସମାଜକୁ ଯୋଗ, ଆୟୁର୍ବେଦ, ଧ୍ୟାନ, ସାହିତ୍ୟ, ନୃତ୍ୟ, ସଂଗୀତ, କଳା, ସ୍ଥାପତ୍ୟ, ଗଣିତ, ଔଷଧ, ଶଲ୍ୟ ଚିକିତ୍ସା, ମହାକାଶ ବିଦ୍ୟା, ବିଜ୍ଞାନ, ଶୁନ୍ୟ, ଇତ୍ୟାଦି ପ୍ରଦାନ କରିଛି । ୫୦୦୦ ବର୍ଷର ସର୍ବ ପୁରାତନ ଧର୍ମ ହିନ୍ଦୁଧର୍ମ ମାନବ ସମାଜକୁ ବ୍ରହ୍ମାଣ୍ଡର ସ୍ୱର "ଓଁ" ପ୍ରଦାନ କରିଛି । ଓଁ ଉଚ୍ଚାରଣରେ ସମଗ୍ର ବାତାବରଣ ଶୁଦ୍ଧହେବା ସହ ଶରୀରର ମଧ୍ୟ ଶୁଦ୍ଧିକରଣ ହୁଏ ।

ହିନ୍ଦୁଧର୍ମ ମାନବ ଜୀବନର ଚାରୋଟି ଲକ୍ଷ୍ୟ ଉପରେ ବିଶ୍ୱାସ ରଖେ । ଏହାହେଲା ଧର୍ମ, ଅର୍ଥ, କର୍ମ ଓ ମୋକ୍ଷ । ମୋକ୍ଷପ୍ରାପ୍ତି ପାଇଁ ଚାରୋଟି ମାର୍ଗ ମଧ୍ୟ ପ୍ରସ୍ତୁତ କରିଛି । ଉକ୍ତ ମାର୍ଗଗୁଡ଼ିକ ହେଲା କର୍ମଯୋଗ, ଭକ୍ତିଯୋଗ, ଜ୍ଞାନଯୋଗ ଓ ରାଜଯୋଗ ।

ହିନ୍ଦୁଧର୍ମ ସମଗ୍ର ବିଶ୍ୱକୁ ଏକ ପରିବାର ରୂପରେ ବିଶ୍ୱାସ ରଖେ । ଏହାର ମୂଳ ସ୍ଲୋଗାନ ହେଲା "ବସୁଧୈବ କୁଟୁମ୍ବକଂ" । ଅତିଥି ଦେବୋଃ ଭବଃ", "ସର୍ବେସନ୍ତୁ ନିରାମୟା", "ସତ୍ୟମେବ ଜୟତେଃ, ଅହିଂସା ପରମଧର୍ମ କର୍ମ ହିଁ ଭଗବାନ ଇତ୍ୟାଦି ଇତ୍ୟାଦି । ଏହି ସମସ୍ତ ସ୍ଲୋଗାନ ମାନବ ହିତକାରୀ । ମାନବ ସମାଜ,ଧରିତ୍ରୀ, ପରିବେଶ ଏବଂ ଜଳବାୟୁକୁ ନଷ୍ଟ କରିବାର କୌଣସି ଶିକ୍ଷା ହିନ୍ଦୁଧର୍ମ ଦିଏ ନାହିଁ ।

ହିନ୍ଦୁ ଧର୍ମ ଏକଶ୍ୱରବାଦକୁ ବିଶ୍ୱାସ କରିବା ସହ ପିତୃ ଓ ମାତୃ ଶକ୍ତି ଉପରେ ମଧ୍ୟ ଉପାସନା କରେ । କାରଣ ଏହି ସଂସାରର ସୃଷ୍ଟି ପିତୃ ଓ ମାତୃ ଶକ୍ତି ବିନା ଅସମ୍ଭବ । ହିନ୍ଦୁ ଧର୍ମ ବାସ୍ତବିକତା ଉପରେ ବିଶ୍ୱାସ ରଖେ । କାଳ୍ପନିକତା ଉପରେ ପର୍ଯ୍ୟବେଶିତ କୌଣସି ସିଦ୍ଧାନ୍ତ ଉପରେ ବିଶ୍ୱାସ ନ ରଖିବା ପାଇଁ ହିନ୍ଦୁଧର୍ମ ଶିକ୍ଷାଦିଏ । ସେଥିପାଇଁ ପ୍ରକୃତ ସୃଷ୍ଟିକ । ପିତୃ ଓ ମାତୃ ଶକ୍ତିଙ୍କ ଉପରେ ଉପାସନ ପାଇଁ ହିନ୍ଦୁଧର୍ମ ନିର୍ଦ୍ଦେଶ ଦେଇଥାଏ । ଇଶ୍ୱର ସର୍ବ ବିଦ୍ୟମାନ ବିଶ୍ୱାସକୁ ହିନ୍ଦୁଧର୍ମ ଶିକ୍ଷା ପ୍ରଦାନ କରିଥାଏ । ଈଶ୍ୱରଙ୍କୁ ବିଶ୍ୱାସ କରିବା ସହ ସମସ୍ତଙ୍କୁ ସମ୍ମାନ ପ୍ରଦାନ କରିବା ପାଇଁ ହିନ୍ଦୁଧର୍ମ ଶିକ୍ଷା ଦେଇଥାଏ । ଜଣେ ବ୍ୟକ୍ତି ଯଦି ସମସ୍ତଙ୍କୁ ସମ୍ମାନ ଦିଏ, ତେବେ ତାଙ୍କ ମନରେ କୁକର୍ମ ଜନ୍ମ ନିଏନାହିଁ । ଉକ୍ତ ବ୍ୟକ୍ତି ମନରେ ଈଶ୍ୱରଙ୍କ ପ୍ରତି ଭୟ ରହିଲେ ତା'ର ମନ ମଧ୍ୟରେ ଲୟ ଆସିଥାଏ, ଲୟ ରହିଲେ ଜୟ ନିଶ୍ଚିତ । ଉକ୍ତ ସିଦ୍ଧାନ୍ତରେ ପରିବେଶ ଓ ବିଶ୍ୱର ସୁରକ୍ଷା ପାଇଁ ହିନ୍ଦୁଧର୍ମ ବୃକ୍ଷ, ଜଳ, ବାୟୁ, ମାଟି, ସୂର୍ଯ୍ୟ, ଚନ୍ଦ୍ର ଇତ୍ୟାଦିଙ୍କୁ ଦେବତାଙ୍କ ଆସନ ପ୍ରଦାନ କରିଛି । ମାନବ ସମାଜ ଉକ୍ତ ସଂସାଧନମାନଙ୍କୁ ଦେବତା ଆସନ ପ୍ରଦାନ କରି ପରୋକ୍ଷରେ ପରିବେଶକୁ ସୁରକ୍ଷା ପ୍ରଦାନ କରେ । ଏହା ସର୍ବବିଦିତ ଯେ ପରିବେଶର ସୁରକ୍ଷାରେ ମାନବର ଭବିଷ୍ୟତ ସୁରକ୍ଷିତ ।

ହିନ୍ଦୁଧର୍ମ ଗାଈକୁ ଗୋମାତାର ଆସନ ପ୍ରଦାନ କରିଥାଏ, କାରଣ ଗାଈ କ୍ଷୀର ହେଉଛି ଏକମାତ୍ର କ୍ଷୀର ଯାହାର ସମସ୍ତ ତ , ମାତୃ ଦୁଗ୍ଧରେ ଉପଲବ୍ଧ ଥାଏ । ସେଥିପାଇଁ ମାତୃ ଦୁଗ୍ଧର ଅଭାବରେ ଡାକ୍ତର କେବଳ ଗାଈ ଦୁଗ୍ଧ ସେବନ ପାଇଁ ଶିଶୁମାନଙ୍କୁ ନିର୍ଦ୍ଦେଶ ଦେଇଥାନ୍ତି । ଗାଈ ଗୋବର, ମୁତ୍ରର ଉପଯୋଗିତାକୁ ବୈଜ୍ଞାନିକମାନେ ମଧ୍ୟ ବିଶ୍ୱାସ କରୁଛନ୍ତି । ପରମାଣୁର ବିକିରଣକୁ ସହ୍ୟ କରିବାର ଶକ୍ତି କେବଳ ଗାଈ ଗୋବରରେ ଥିବାର ପ୍ରମାଣ ବୈଜ୍ଞାନିକମାନେ ପ୍ରଦାନ କରିସାରିଲେଣି । ତେଣୁ ଗୋମାତାର ସୁରକ୍ଷା ପ୍ରଦାନକରି ହିନ୍ଦୁ ଧର୍ମ ମାନବ ସମାଜକୁ ଏକ ଭବିଷ୍ୟତ ବିପଦର ସୁରକ୍ଷା ପ୍ରଦାନ କରୁଛି । ବିଶ୍ୱର ସମସ୍ତ ସଫଳ ବ୍ୟକ୍ତିମାନେ ଯେଉଁ ପଥ ଅନୁସରଣ କରି ଅଗ୍ରସର ହୋଇପାରିଛନ୍ତି, ଯଦି ଆମେ ସେମାନଙ୍କର ମାର୍ଗକୁ ତର୍ଜମା କରିବା ତେବେ ଜାଣିପାରିବା ଯେ ଉକ୍ତ ମାର୍ଗଗୁଡ଼ିକ ହିନ୍ଦୁଧର୍ମର ଧର୍ମ ପୁସ୍ତମାନଙ୍କରେ ବର୍ଣ୍ଣିତ ଅଛି । ସେହି ସଫଳ ବ୍ୟକ୍ତିତ୍ୱ ଯେଉଁ ଧର୍ମରେ ବିଶ୍ୱାସ ରଖନ୍ତୁ ପଛେ, ସେମାନଙ୍କର ସଫଳତାର କୁଂଜୀ ହେଉଛି ହିନ୍ଦୁଧର୍ମର ଧର୍ମପୁସ୍ତକ । ବିଶ୍ୱରେ ସମସ୍ତ ଆସ୍ତିକ ଓ ନାସ୍ତିକମାନେ ବିଚାର କରିବା କଥା ଯେ ମନୁଷ୍ୟର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଥିବା ନିର୍ଦ୍ଧାରିତ ପଥକୁ ମଧୁର କରିବା ପାଇଁ କ'ଣ କ'ଣ ପଦକ୍ଷେପ ନେବା ଉଚିତ ଉକ୍ତ ବିନ୍ଦୁଗୁଡ଼ିକ ହେଲା –

(୧) ସ୍ୱାସ୍ଥ୍ୟବାନ ରହନ୍ତୁ :- ହିନ୍ଦୁ ଧର୍ମରେ ବ୍ରାହ୍ମ୍ୟ ମୁହୂ ରୁ ଉଠି କାର୍ଯ୍ୟାରମ୍ଭର ନିର୍ଦ୍ଦେଶ ଅଛି । ପ୍ରାତଃକାଳରେ ଯୋଗ କରିବା ଦ୍ୱାରା ମନୁଷ୍ୟ ଶରୀର ସ୍ୱାସ୍ଥ୍ୟବାନ ରହେ । ଦିନସାରା ମନୁଷ୍ୟ ଶରୀର ଉର୍ଜାବାନ ରହିବା ଦ୍ୱାରା କର୍ମ କରିବାର ଉତ୍ସାହ ଆସେ । ଏହାଛଡ଼ା ଯୋଗ ମାଧ୍ୟମରେ ମନୁଷ୍ୟ ବହୁ ପ୍ରକାରର ବ୍ୟାଧିରୁ ରକ୍ଷାପାଏ । ଆସନ, ପ୍ରାଣାୟମ, ଧ୍ୟାନ, ମାଧ୍ୟମରେ ନିଜ ଶରୀରକୁ ସୁସ୍ଥ ରଖାଯାଏ ।

(୨) ଲକ୍ଷ୍ୟ ସ୍ଥିର କରି କଠିନ ପରିଶ୍ରମ କରନ୍ତୁ :- ମହାଭାରତରେ ଏକଲବ୍ୟ ପରି ଏକନିଷ୍ଠ ହୋଇ ପରିଶ୍ରମ କରନ୍ତୁ, ଦେଖିବେ ସଫଳତା ତୁମ ହାତମୁଠାକୁ ଚାଲିଆସିବ । ଅର୍ଜୁନଙ୍କ ପରି ଲକ୍ଷ୍ୟଭେଦ କରନ୍ତୁ । କାରଣ ଅର୍ଜୁନଙ୍କ ଲକ୍ଷ୍ୟ ମାଛର ଆଖି ଉପରେ ଥିଲା, ତେଣୁ ସେ ଲକ୍ଷ୍ୟଭେଦ କରିପାରିଲେ । ଅନ୍ୟ ଯୋଦ୍ଧାମାନଙ୍କ ଆଖି ଚତୁଃପାର୍ଶ୍ୱରେ ବୁଲୁଥିବା ଚକ ଉପରେ ଥିବାରୁ ସେମାନେ ଲକ୍ଷ୍ୟଚ୍ୟୁତ ହେଲେ ।

(୩) ସମସ୍ତଙ୍କୁ ସମ୍ମାନ କର :- ନିଜର ଉ ମ ବ୍ୟବହାର ଦ୍ୱାରା ସମସ୍ତଙ୍କ ପ୍ରିୟଭାଜନ ହୋଇ ସେମାନଙ୍କ ଠାରୁ ଆଶିର୍ବାଦ ନିଅ । କାରଣ ଅଦୃଶ୍ୟ ଆର୍ଶିବାଦର ଶକ୍ତିକୁ କେହି ଆକଳନ କରିପାରିବେ ନାହିଁ । ମନୁଷ୍ୟ ଯେତେବେଳେ ସଂକଟରେ ପଡ଼ିଥାଏ, ସେହି ସମୟରେ ଏହି ଅଦୃଶ୍ୟ ଆର୍ଶିର୍ବାଦ ହିଁ ସାହାଯ୍ୟ କରେ । ସେଥିପାଇଁ ହିନ୍ଦୁଧର୍ମ ବାପା ଓ ମାଙ୍କୁ ଭଗବାନଙ୍କ ରୂପ ଭାବେ ବର୍ଣ୍ଣନା କରିଛି ।

(୪) ସକରାତ୍ମକ ଚିନ୍ତାଧାରା :- ଶ୍ରୀମଦ୍ ଭାଗବତ ଗୀତାରେ ମହାପ୍ରଭୁ ଶ୍ରୀକୃଷ୍ଣ ସମସ୍ତଙ୍କୁ କର୍ମ କରିବାପାଇଁ ଆହ୍ୱାନ କରିଛନ୍ତି । କର୍ମକରି ଚାଲ ଫଳର ଚିନ୍ତା କରନାହିଁ । ତେଣୁ ନିଶ୍ଚିତ ହୋଇ ସକରାତ୍ମକ ଚିନ୍ତାଧାରା ରଖନ୍ତୁ, ଦେଖିବେ ତୁମର ମନ ପ୍ରଫୁଲିତ ରହିବ । ମନ ପ୍ରଫୁଲିତ ରହିଲେ ମନୁଷ୍ୟ ଆଗାମୀ କର୍ମକୁ ସୁଚାରୁରୂପେ କରିପାରିବ । କାରଣ ବିଚଳିତ ମନ କୌଣସି କାର୍ଯ୍ୟକୁ ପୁରା କରିପାରେ ନାହିଁ ।

ଏହିପରି ଅନେକ ସିଦ୍ଧାନ୍ତ ଓ ଉପାଦାନକୁ ହୁନ୍ଦୁଧର୍ମ ମାନବ ସମାଜକୁ ପ୍ରଦାନ କରିଛି । କିନ୍ତୁ ଏହାର ବିପରୀତ ମାନବ ସମାଜ ହିନ୍ଦୁଧର୍ମକୁ ସମ୍ମାନ ପ୍ରଦାନ କରୁନାହିଁ । ଏହି ଧର୍ମକୁ ସୁରକ୍ଷା ପ୍ରଦାନ କରିବା ବଦଳରେ ବିପଦ ମୁହଁକୁ ଠେଲି ଦେଉଛନ୍ତି । ଯାହାଦ୍ୱାରା ହିନ୍ଦୁଧର୍ମ ସଂକୁଚିତ ହେବାରେ ଲାଗିଛି । ଧିରେ ଧିରେ ଏହି ଧର୍ମ ଭାରତ ଉପମହାଦେଶ ମଧ୍ୟରେ ସୀମିତି ହୋଇଗଲାଣି । ବ ମାନ ଏହି ଧର୍ମର ଉପସ୍ଥିତି ଭାରତବର୍ଷରେ ମଧ୍ୟ ଲଘୁ ହେବାରେ ଲାଗିଛି । ଶତ ପ୍ରତିଶତ ହିନ୍ଦୁ ବହୁଳ ଭାରତବର୍ଷ ଆଜି ହିନ୍ଦୁ ଶୁନ୍ୟ ହେବାରେ ଲାଗିଛନ୍ତି । ସ୍ୱାଧିନତା ସମୟରେ ଏହି ଧର୍ମର ଉପସ୍ଥିତ ୮୫% ଥିଲା । ଏହି ବିଗତ ୮୬ ବର୍ଷ ମଧ୍ୟରେ ଏହି ଧର୍ମର ଅବନତି ୭୯% ଭାଗରେ ପହଞ୍ଚିଗଲାଣି । ଏହି ଅବନତି କ୍ରମବର୍ଦ୍ଧିଷ୍ଣୁ ହୋଇ ଶେଷରେ ଶୂନ୍ୟରେ ନ ପହଞ୍ଚିବ ତାହା କିଏ କହିବ ଶେଷରେ ବିଶ୍ୱ ସମାଜକୁ ଅସଂଖ୍ୟ ଅମୂଲ୍ୟରତ୍ନ ପ୍ରଦାନ କରିଥିବା ମାନବ କଲ୍ୟାଣକାରୀ ହିନ୍ଦୁଧର୍ମ ସମାପ୍ତ ହୋଇଯିବ ।

ବ ମାନ ଭାରତବର୍ଷରେ ବହୁ ପ୍ରଦେଶରେ ହିନ୍ଦୁସଂଖ୍ୟା ଲଘୁ ହେବାରେ ଲାଗିଛନ୍ତି । କାଶ୍ମୀରଘାଟୀ ତ ହିନ୍ଦୁ ଶୂନ୍ୟ ହୋଇଗଲାଣି । ଆଦି ଶଙ୍କରାଚାର୍ଯ୍ୟଙ୍କ ଭୂମି କେରଳ ବ ମାନ ହିନ୍ଦୁଶୂନ୍ୟ ହେବାରେ ଲାଗିଛି । ଚୈତନ୍ୟଭୂମି ବଙ୍ଗଳାରେ ହିନ୍ଦୁ ସଂଖ୍ୟାଲଘୁ ହେବାରେ ଲାଗିଛନ୍ତି । ଭାରତର ଉ ର-ପୂର୍ବ ଅଞ୍ଚଳ ରାଜ୍ୟଗୁଡ଼ିକରେ ହିନ୍ଦୁମାନେ ସଂଖ୍ୟାଲଘୁ ହୋଇସାରିଲେଣି । ତେଣୁ ଦିନ ଆସିବ ସମଗ୍ର ଭାରତବର୍ଷରେ ହିନ୍ଦୁମାନଙ୍କର ଚିହ୍ନବର୍ଣ୍ଣ ରହିବ ନାହିଁ ।

ହିନ୍ଦୁମାନଙ୍କର ସଂଖ୍ୟାଲଘୁ ହେବାରେ ଅନେକ କାରଣ ଅଛି । ସେଥିମଧ୍ୟରୁ କିଛି ମୁଖ୍ୟକାରଣ ଉପରେ ଆମେ ଦୃଷ୍ଟି ଦେବା ।

୧) ଧର୍ମାନ୍ତକରଣ – ହିନ୍ଦୁ ମାନଙ୍କର ଧର୍ମାନ୍ତକରଣ ବହୁଳ ଭାବରେ କରାଯାଉଛି । ଆର୍ଥିକ ଲୋଭ, ଭୟଭିତ କରି, ଚକ୍ରାନ୍ତ କରି ହିନ୍ଦୁମାନଙ୍କର ଧର୍ମାନ୍ତକରଣ କରାଯାଉଛି । ଏହାଦ୍ୱାରା ହିନ୍ଦୁ ଜନସଂଖ୍ୟା ଦୃତଗତିରେ ହ୍ରାସପାଉଛି । ଗରୀବ ହରିଜନ ଓ ଆଦିବାସୀମାନଙ୍କୁ ପ୍ରଲୋଭିତ କରି ଧର୍ମାନ୍ତକରଣ କରାଯାଉଛି । ହିନ୍ଦୁ କନ୍ୟାମାନଙ୍କୁ ନାନା ପ୍ରକାରର ଚକ୍ରାନ୍ତରେ ଛନ୍ଦି ସେମାନଙ୍କର ଧର୍ମାନ୍ତକରଣ କରାଯାଉଛି ।

୨) ହିନ୍ଦୁ ଶିଶୁ ଜନ୍ମହାର ନିମ୍ନଗାମୀ ହେବା :- ହିନ୍ଦୁମାନଙ୍କର ଶିଶୁ ଜନ୍ମହାର ନିରନ୍ତର ହ୍ରାସ ପାଇବାରେ ଲାଗିଛି । ଏହାର ଏକ ମୁଖ୍ୟ କାରଣ ହେଉଛି, ଆଧୁନିକ ହେବାର ପ୍ରହସନ । ହିନ୍ଦୁ ଦମ୍ପତିମାନେ ସ୍ୱାର୍ଥପର ହୋଇ ନିଜର ନୈତିକ କ ବ୍ୟ ଠାରୁ ଦୂରକୁ ଯାଉଛନ୍ତି । ମୌଜ ମଜଲିସ୍‌କୁ ସେମାନେ ପ୍ରାଥମିକତା ହେଉଛନ୍ତି । ସନ୍ତାନ ପାଳନ କରିବାର ଦାୟିତ୍ୱରୁ ମୁକ୍ତ ହେବା ପାଇଁ ଚେଷ୍ଟା କରୁଛନ୍ତି । ଉକ୍ତ କାରଣଗୁଡ଼ିକ ଛଡ଼ା ଅନ୍ୟ ଏକ ମୁଖ୍ୟକାରଣ ହେଉଛି ଶଲ୍ୟ ଚିକିତ୍ସା ମାଧ୍ୟମରେ ପ୍ରସବ କରାଇବା । ହିନ୍ଦୁ କନ୍ୟମାନେ ପାରମ୍ପରିକ ଖେଳ, ପୁଚି, ଦଉଡ଼ି ଡିଆଁ ଇତ୍ୟାଦି ଠାରୁ ଦୂରକୁ ଚାଲିଯାଉଥିବାରୁ ସେମାନଙ୍କର ଶରୀର ଗଠନ ଦୁର୍ବଳ ହୋଇଯାଉଛି । ଯାହାଦ୍ୱାରା ସେମାନେ ପ୍ରାକୃତିକ ପ୍ରସବ ବେଦନା ସହ୍ୟ କରିପାରୁନାହାଁନ୍ତି ଏବଂ ଶଲ୍ୟ ଚିକିତ୍ସାର ସାହାରା ନେଉଛନ୍ତି । ଶଲ୍ୟ ଚିକିତ୍ସା ମାଧ୍ୟମରେ ପ୍ରଥମ ପ୍ରସବ ହୋଇସାରିଲା ପରେ ପରବ । ପ୍ରାକୃତିକ ପ୍ରସବ କଷ୍ଟକର ହୋଇପଡ଼େ ଏବଂ ଦୁଇଟି ଶଲ୍ୟ ଚିକିତ୍ସା ପ୍ରସବ ପରେ ତୃତୀୟ ଗର୍ଭଧାରଣ ମାତ୍ୟଜୀବନ ପ୍ରତି ବିପଦଥାଏ । ଉକ୍ତ ମୁଖ୍ୟ କାରଣ ଯୋଗୁଁ ହିନ୍ଦୁ ଶିଶୁ ଜନ୍ମହାର ହ୍ରାସ ପାଇବାରେ ଲାଗିଛି ।

ବ ମାନ ବିଚାର କରିବା ଯେ ଏହିଭଳି ଏକ ମାନବ କଲ୍ୟାଣକାରୀ ଧର୍ମକୁ କ'ଣ ଆମେ ସମାପ୍ତ କରି ହେବା କି ସମଗ୍ର ବିଶ୍ୱ ଜନତା ଏହା ଉପରେ ଦୃଷ୍ଟିଦେବା ଉଚିତ । ବହୁବର୍ଷ ପୂର୍ବରୁ ଏହି ଧରାପୃଷ୍ଠରେ ବିଶାଳକାୟ ଜୀବ ଡାୟନାସୋର ବାସ କରୁଥିଲେ । କିନ୍ତୁ ସମୟର କରାଳକ୍ରିୟାରେ ସେମାନେ ଲୁପ୍ତ ହୋଇଗଲେ । ସେମାନଙ୍କର ଜୀବାଶ୍ମକୁ ଦେଖି ଆମେ କେବଳ ଅନୁମାନ କରୁଛି । ଯଦି କୌଣସି ଜୀବର ବଂଶ ହ୍ରାସ ପାଇବାରେ ଲାଗେ, ତେବେ ସେମାନଙ୍କର ସୁରକ୍ଷା ପାଇଁ ସରକାର ଅଭୟାରଣ୍ୟ ସୃଷ୍ଟି କରିଥାଆନ୍ତି ଏବଂ ଅଭୟାରଣ୍ୟ ପାଇଁ କିଛି ନିୟମକାନୁନ୍ ପ୍ରସ୍ତୁତ କରିଥାନ୍ତି । ଏହାଦ୍ୱାରା ଉକ୍ତ ଜୀବ ସୁରକ୍ଷିତ ଅନୁଭବ କରେ ।

ହିନ୍ଦୁମାନଙ୍କର ଜନସଂଖ୍ୟା ହ୍ରାସକୁ ବନ୍ଦ କରିବା ପାଇଁ ସେମାନେ ବାସ କରୁଥିବା ଅଞ୍ଚଳକୁ ଅଭୟ ପ୍ରଦାନ କରିବା ଉଚିତ । କିଛି ଦେଶ ଏହି ଧର୍ମକୁ ରାଜଧର୍ମ ରୂପେ ଗ୍ରହଣ କରିବା ଉଚିତ । ହିନ୍ଦୁମାନଙ୍କର ଧର୍ମାନ୍ତକରଣକୁ ସଂପୂର୍ଣ୍ଣ ରୂପେ ବନ୍ଦ କରିବା ଦରକାର ।

ଏହିପରି କିଛି ମୁଖ୍ୟ ପଦକ୍ଷେପ ବିଶ୍ୱ ଜନତା ନେବା ଉଚିତ । ଜାତିସଂଘରେ ଏହି ଧର୍ମର ସୁରକ୍ଷା ପାଇଁ ପଦକ୍ଷେପ ନେବା ଆବଶ୍ୟକ । ଯଦି ଏହା ନ ହୁଏ, ତେବେ "ଅହିଂସା ପରମଧର୍ମ"ରେ ବିଶ୍ୱାସ ରଖୁଥିବା ହିନ୍ଦୁ ଯେ ଧରାପୃଷ୍ଠରୁ ନିଶ୍ଚିହ୍ନ ନ ହେବେ, ତାହା କିଏ କହିବ ।

ପାଟରାସାହି, କଟକ



## ଏଥର ଗଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ହେବେ ୟୁରୋପୀୟ ସଂଘର ଶୀର୍ଷ ନେତା

**ନୂଆଦିଲ୍ଲୀ, ୧୮।୧୨ (ଏଜେନ୍ସି):** ଭାରତ, ଗଣତନ୍ତ୍ର ଦିବସ-୨୦୨୬ ପାଇଁ ଏକ ଐତିହାସିକ ନିଷ୍ପତ୍ତି ନେଇଛି । ଏଥର ୟୁରୋପୀୟ ସଂଘର ଶୀର୍ଷ ନେତା, ୟୁରୋପୀୟ କମିଶନ ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲେଏନ୍ ଏବଂ ୟୁରୋପୀୟ ପରିଷଦ ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟାଙ୍କୁ ମୁଖ୍ୟ ଅତିଥି ଭାବରେ ନିମନ୍ତ୍ରଣ କରାଯିବ । କୌଣସି ଅନ୍ତର୍ଜାତୀୟ ସଂଗଠନର ଦୁଇ ଶୀର୍ଷ ନେତା ଭାରତର ପ୍ରତିଷ୍ଠିତ ଜାତୀୟ କାର୍ଯ୍ୟକ୍ରମରେ ଏକାଠି ଯୋଗ ଦେବା ପ୍ରଥମ ହେବ । ଏହି ଦୁଇ ନେତା ଜାନୁଆରି ୨୦୨୬ରେ ନୂଆଦିଲ୍ଲୀରେ ପହଞ୍ଚିବେ, ଯାହା ଭାରତ ଏବଂ



ୟୁରୋପୀୟ ସଂଘ ମଧ୍ୟରେ ଗଭୀର ରଣନୈତିକ, ଅର୍ଥନୈତିକ ଏବଂ କୂଟନୈତିକ ସମ୍ପର୍କକୁ ଏକ ନୂତନ ଦିଗଦର୍ଶନ ଦେବ ଏବଂ ମଜବୁତ କରିବ । ସୂଚନା ମୁତାବକ, ୨୦୨୬ ଗଣତନ୍ତ୍ର ଦିବସ ପାଇଁ ୟୁରୋପୀୟ ସଂଘର ନେତାମାନଙ୍କୁ ମୁଖ୍ୟ ଅତିଥି ଭାବରେ ନିମନ୍ତ୍ରଣ କରିବାର ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ନୂଆଦିଲ୍ଲୀ ଏବଂ ବ୍ରସେଲ୍ସ ଖୁବ୍ ଶୀଘ୍ର ଆନୁଷ୍ଠାନିକ ନିମନ୍ତ୍ରଣ ଉପରେ ଘୋଷଣା କରିବେ । ଗଣତନ୍ତ୍ର ଦିବସରେ ଜଣେ ବିଦେଶୀ ନେତାଙ୍କୁ ମୁଖ୍ୟ ଅତିଥି ଭାବରେ ନିମନ୍ତ୍ରଣ କରିବା ଭାରତର ବୈଦେଶିକ ନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରତୀକାତ୍ମକ ପଦକ୍ଷେପ ଭାବରେ ବିବେଚନା କରାଯାଏ । ଏହି ଚୟନ କେବଳ ଏକ ଔପଚାରିକତା ନୁହେଁ ବରଂ ଭାରତର ରଣନୈତିକ, ଅର୍ଥନୈତିକ ଏବଂ ଭୂରାଜନୈତିକ ପ୍ରାଥମିକତାକୁ ପ୍ରତିଫଳିତ କରେ । ଭାରତ ପ୍ରତିବର୍ଷ ଜାନୁଆରି ୨୬ ତାରିଖରେ ଗଣତନ୍ତ୍ର ଦିବସ ପାଳନ କରେ । ଏହି କାର୍ଯ୍ୟକ୍ରମ ଭାରତର ଗଣତାନ୍ତ୍ରିକ ଐତିହ୍ୟ ଏବଂ ଆନ୍ତର୍ଜାତୀୟ ବନ୍ଧୁତାର ପ୍ରତୀକ । ପୂର୍ବରୁ ଅନେକ ରାଷ୍ଟ୍ର କିମ୍ବା ସରକାର ମୁଖ୍ୟ, ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଛନ୍ତି । ୨୦୨୫ ମସିହାରେ ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରବୋଓ ସୁବିୟାଣ୍ଟୋ ମୁଖ୍ୟ ଅତିଥି ଥିଲେ ।

## ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଔଷଧ ଉତ୍ପାଦକ ଦେଶ

**ନୂଆଦିଲ୍ଲୀ, ୧୮।୧୨ (ଏଜେନ୍ସି):** ଭାରତର ଔଷଧ କ୍ଷେତ୍ର ବିଶ୍ୱ ସ୍ତରରେ ନିଜର ଶକ୍ତି ପ୍ରଦର୍ଶନ କରିଛି । ୨୦୨୪-୨୫ରେ ଏକ ଦୃଢ଼ ରପ୍ତାନି ଅଭିବୃଦ୍ଧି ହାସଲ କରିଛି । ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲଙ୍କ ଅନୁଯାୟୀ, ଦେଶର ଔଷଧ ରପ୍ତାନି ଚଳିତ ବର୍ଷ ନୂତନ ଉଚ୍ଚତାରେ ପହଞ୍ଚିଛି, ଯାହା ୯ ପ୍ରତିଶତରୁ ଅଧିକ ହାରରେ ବୃଦ୍ଧି ପାଇଛି । ନୂତନ ସରକାରୀ ନୀତି ଏବଂ ଉନ୍ନତ ଉତ୍ପାଦନ କ୍ଷମତା ଏହି କ୍ଷେତ୍ରକୁ ଅନ୍ତର୍ଜାତୀୟ ସ୍ତରରେ ଏକ ନିର୍ଭରଯୋଗ୍ୟ ଅଂଶୀଦାର କରିଛି । ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲ ସମ୍ପ୍ରତି ଏକ ମନ୍ତ୍ରୀ ଆଲୋଚନା ଅଧିବେଶନରେ ସୂଚନା ଦେଇଛନ୍ତି ଯେ ଭାରତର ଔଷଧ ରପ୍ତାନି ୨୦୨୪-୨୫ ଆର୍ଥିକ ବର୍ଷରେ ୩୦.୪୭ ବିଲିୟନ ଡଲାରରେ ପହଞ୍ଚିବ, ଯାହା ପୂର୍ବ ବର୍ଷ ତୁଳନାରେ ୯.୪ ପ୍ରତିଶତ ଗୁରୁତ୍ୱପୂର୍ଣ୍ଣ ଅଭିବୃଦ୍ଧି । ଭାରତର ଦୃଢ଼ ଉତ୍ପାଦନ ଆଧାର ଏବଂ ବର୍ଦ୍ଧିତ ବିଶ୍ୱ ଉପସ୍ଥିତି ଏହି ସଫଳତା ପଛରେ ପ୍ରମୁଖ କାରଣ । ଭାରତ ବର୍ତ୍ତମାନ ପରିମାଣ ଅନୁସାରେ ବିଶ୍ୱର ତୃତୀୟ ବୃହତ୍ତମ ଔଷଧ ଉତ୍ପାଦକ ଭାବରେ ସ୍ଥାନିତ, ଯାହା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା । ଭାରତର ଘରୋଇ ଔଷଧ ବଜାର ବର୍ତ୍ତମାନ ପ୍ରାୟ ୬୦ ବିଲିୟନ ମୂଲ୍ୟର, କିନ୍ତୁ ଏହାର ଅଭିବୃଦ୍ଧି ସେଠାରେ ସୀମିତ ହେବ ନାହିଁ । ନବସୃଜନ ଏବଂ କ୍ଷମତା ବିସ୍ତାର ସହିତ, ବିଶେଷଜ୍ଞମାନେ ଆକଳନ କରିଛନ୍ତି ଯେ ଏହି ବଜାର ୨୦୩୦ ସୁଦ୍ଧା ୧୩୦ ବିଲିୟନରେ ପହଞ୍ଚିବ । ଭାରତରେ ବର୍ତ୍ତମାନ ୧୦,୫୦୦ ରୁ ଅଧିକ ଉତ୍ପାଦନ ୟୁନିଟ୍ ଏବଂ ୩,୦୦୦ ରୁ ଅଧିକ କମ୍ପାନୀ କାର୍ଯ୍ୟ କରୁଛନ୍ତି । ଦେଶ ୬୦ ଟି ବିଭିନ୍ନ ଚିକିତ୍ସା କ୍ଷେତ୍ରରେ ୬୦,୦୦୦ ରୁ ଅଧିକ ଜେନେରିକ ବ୍ରାଣ୍ଡ ଉତ୍ପାଦନ କରେ, ଯାହା ସାରା ବିଶ୍ୱରେ ଯୋଗାଣ କରାଯାଏ । ଭାରତୀୟ ଔଷଧ ଆଜି ବିଶ୍ୱର ୨୦୦ ରୁ ଅଧିକ ଦେଶରେ ପହଞ୍ଚୁଛି । ଏହି ରପ୍ତାନୀର ୬୦ ପ୍ରତିଶତରୁ ଅଧିକ ବିକଶିତ ଦେଶଗୁଡ଼ିକୁ କରାଯାଏ ଯେଉଁଠାରେ କଠୋର ଔଷଧ ନିୟାମକ ନିୟମ ରହିଛି । ଭାରତର ମୋଟ ରପ୍ତାନିରେ ଯୁକ୍ତରାଷ୍ଟ୍ର ସର୍ବାଧିକ ଅଂଶ ଗ୍ରହଣ କରେ, ଯାହା ପ୍ରାୟ ୩୪ ପ୍ରତିଶତ, ଯେତେବେଳେ ୟୁରୋପୀୟ ବଜାର ପ୍ରାୟ ୧୯ ପ୍ରତିଶତ । ଏହି ସଂଖ୍ୟାଗୁଡ଼ିକ ପ୍ରମାଣ କରେ ଯେ ଭାରତୀୟ ଔଷଧର ଗୁଣବତ୍ତା ଅନ୍ତର୍ଜାତୀୟ ମାନଦଣ୍ଡ ପୂରଣ କରେ ଏବଂ ସାରା ବିଶ୍ୱରେ ରୋଗୀମାନେ ଏହା ଉପରେ ବିଶ୍ୱାସ କରନ୍ତି । ସରକାରଙ୍କ ପ୍ରାଥମିକ ଉଦ୍ଦେଶ୍ୟ ହେଉଛି କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମାନଙ୍କୁ ଆନ୍ତର୍ଜାତୀୟ ବାଣିଜ୍ୟ ଢାଞ୍ଚା ବିଷୟରେ ଶିକ୍ଷା ଦେବା । ଚିନ୍ତନ ଶିବିର ମାଧ୍ୟମରେ, ରପ୍ତାନିକାରୀମାନଙ୍କୁ ନୂତନ ନୀତି ଏବଂ କ୍ଷମତା-ନିର୍ମାଣ ପଦକ୍ଷେପ ବିଷୟରେ ଅବଗତ କରାଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟିକୋଣ ଅନୁଯାୟୀ, ଭାରତକୁ ଏକ ନିର୍ଭରଯୋଗ୍ୟ ବିଶ୍ୱ ବାଣିଜ୍ୟିକ ଅଂଶୀଦାର କରିବା ପାଇଁ ପ୍ରୟାସ ଜାରି ରହିଛି, ଯାହା ସାରା ବିଶ୍ୱରେ ସୁଲଭ ଏବଂ ଉଚ୍ଚମାନର ସ୍ୱାସ୍ଥ୍ୟସେବା ଯୋଗାଇବ । ଏହା କେବଳ ରପ୍ତାନିକୁ ବୃଦ୍ଧି କରିବ ନାହିଁ ବରଂ ବିଶ୍ୱ ସ୍ୱାସ୍ଥ୍ୟ ସୁରକ୍ଷାରେ ଭାରତର ଭୂମିକାକୁ ମଧ୍ୟ ସୁଦୃଢ଼ କରିବ ।

## ବାଂଲାଦେଶରେ ୨ଟି ଭିସା ଆବେଦନ କେନ୍ଦ୍ର ବନ୍ଦ କଲା ଭାରତ

**ନୂଆଦିଲ୍ଲୀ, ୧୮।୧୨ (ଏଜେନ୍ସି):** ସୁରକ୍ଷା ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତ ଗୁରୁବାର ଦିନ ବାଂଲାଦେଶର ରାଜଶାହୀ ଏବଂ ଖୁଲନାରେ ଥିବା ଦୁଇଟି ଭିସା ଆବେଦନ କେନ୍ଦ୍ରକୁ ବନ୍ଦ କରିଦେଇଛି । IVAC ୱେବସାଇଟରେ ଏକ ସରକାରୀ ବିଜ୍ଞପ୍ତିରେ ଜଣାଇ ଦିଆଯାଇଛି ଯେ, ଆମେ ଜଣାଇବାକୁ ଚାହୁଁଛୁ ଯେ, ଚାଲିଥିବା ସୁରକ୍ଷା ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜଶାହୀ ଏବଂ ଖୁଲନାରେ ଥିବା ଭିସା ଆବେଦନ କେନ୍ଦ୍ରକୁ ଆଜି ବନ୍ଦ ରଖାଯାଇଛି । ଆଜି ସ୍ଲଟ୍ ବୁକ୍ କରିଥିବା ସମସ୍ତ ଆବେଦନକାରୀଙ୍କୁ ପରବର୍ତ୍ତୀ ସମୟରେ ଏକ ସ୍ଲଟ୍ ଦିଆଯିବ । ଏହା ପୂର୍ବରୁ ବୁଧବାର ବାଂଲାଦେଶ ହାଇକମିଶନରଙ୍କୁ ସମନ କରିଥିଲେ ଭାରତ ସରକାର । ଢାକାରେ ଭାରତୀୟ ଦୂତାବାସର ସୁରକ୍ଷା ନେଇ ଭାରତ ସରକାର ସମନ ଜାରି କରିଥିଲେ । ଗତ କିଛି ଦିନ ଧରି ବାଂଲାଦେଶ ରାଜଧାନୀରେ ଭାରତୀୟ ମିଶନ ବାହାରେ ଚାଲିଥିବା ବିରୋଧ ପ୍ରଦର୍ଶନ ପରିପ୍ରେକ୍ଷୀରେ ଏହି ପଦକ୍ଷେପ ନିଆଯାଇଥିଲା । ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ଭାରତରେ ଅବସ୍ଥାପିତ ବାଂଲାଦେଶର ହାଇକମିଶନର ଏମ୍. ରିଆଜ ହମିଦୁଲ୍ଲାଙ୍କୁ ସମନ କରିଥିଲେ । ତାଙ୍କୁ ଢାକାରେ ଭାରତୀୟ ମିଶନର ସୁରକ୍ଷା ବ୍ୟବସ୍ଥା ଏବଂ ସାମ୍ପ୍ରତିକ ଘଟଣାବଳୀ ସମ୍ପର୍କରେ ଭାରତର ଚିନ୍ତା ବିଷୟରେ ଅବଗତ କରାଯାଇଥିଲା । ସୂଚନା ଅନୁଯାୟୀ, ଗତ କିଛି ଦିନ ଧରି ଢାକାରେ ଭାରତୀୟ ମିଶନ ବାହାରେ ପ୍ରତିବାଦ ପ୍ରଦର୍ଶନ କରାଯାଉଛି, ଯାହା ଦୂତାବାସର ସୁରକ୍ଷା ଉପରେ ପ୍ରଶ୍ନ ଉଠାଇଛି । ଏହାକୁ ଦୃଷ୍ଟିରେ ରଖି, ଭାରତ ଆନୁଷ୍ଠାନିକ ଭାବରେ ବାଂଲାଦେଶ ସରକାରଙ୍କୁ ପରିସ୍ଥିତି ସ୍ପଷ୍ଟ କରିବାକୁ କହିଛି । ବାଂଲାଦେଶର ନ୍ୟାସନାଲ ସିଟିଜେନ୍ ପାର୍ଟି (ଏନସିପି)ର ନେତା ହସନତ ଅବଦୁଲ୍ଲାଙ୍କ ଭାରତ ବିରୋଧୀ ବୟାନବାଜି ମଧ୍ୟରେ ଏହି ପଦକ୍ଷେପ ନିଆଯାଇଥିଲା । ଏକ ସାର୍ବଜନୀନ ଭାଷଣରେ ସେ ଭାରତର ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକୁ ଅଲଗା କରିବାକୁ ଧମକ ଦେଇଥିଲେ । ହସନତ ଅବଦୁଲ୍ଲା ତାଙ୍କର କଠୋର ଭାରତ ବିରୋଧୀ ମତ ପାଇଁ ଜଣାଶୁଣା । ଏକ ସର୍ବଦଳୀୟ ପ୍ରତିବାଦ ରାଲିକୁ ସମ୍ବୋଧିତ କରି ଅବଦୁଲ୍ଲା କହିଥିଲେ ଯେ, ଯଦି ବାଂଲାଦେଶକୁ ଭାରତ ଅସ୍ଥିର କରିବାକୁ ଉଦ୍ୟମ ଜାରି ରଖିବ, ତେବେ ଏହାର ଆଞ୍ଚଳିକ ପରିଣାମ ଗମ୍ଭୀର ହେବ ଏବଂ ଭାରତର ସମଗ୍ର ଉତ୍ତର ପୂର୍ବ ଅଞ୍ଚଳ ବିଚ୍ଛିନ୍ନ କରିଦିଆଯିବ ।

## ଡିଏମକେକୁ କଡା ଭାଷାରେ ଟାର୍ଗେଟ କଲେ ବିଜୟ

**ନୂଆଦିଲ୍ଲୀ, ୧୮।୧୨ (ଏଜେନ୍ସି):** ତାମିଲ ସୁପରଷ୍ଟାର ତଥା ତାମିଲଗା ଭେଟ୍ରି କାଝାଗମ (ଟିଭିକେ) ନେତା ବିଜୟ ଥାଲପତି ଶାସକ ଡିଏମକେ ସରକାର ଉପରେ କଡା ଆକ୍ରମଣ କରିଛନ୍ତି ସେ ଡ଼ିଏମକେ ଦଳକୁ ଦୁଷ୍ଟ ଶକ୍ତି ବୋଲି କହିଥିଲେ । ୨୦୨୬ ବିଧାନସଭା ନିର୍ବାଚନକୁ ଟାର୍ଗେଟ କରି ସେ କହିଥିଲେ ଯେ ଏହି ନିର୍ବାଚନ ଭିନ୍ନ ହେବ ଏବଂ ଲୋକମାନେ ସବୁକିଛି ବୁଝାଇଦେବେ । ବିଜୟ ପଚାରିଥିଲେ, NEET ଉପରେ



ପ୍ରତିବନ୍ଧକ ଲଗାଇବା ଏବଂ ଶିକ୍ଷା ଋଣ ଛାଡ କରିବା ଭଳି କେତେ ମିଥ୍ୟା ପ୍ରତିଶ୍ରୁତି ଦିଆଯାଇଥିଲା ? ସେ ଦୁର୍ନୀତି ଅଭିଯୋଗ ଆଣି କହିଥିଲେ ଯେ ଆଖୁ ଏବଂ ଧାନ ପାଇଁ ଦର ସ୍ଥିର କରାଯାଇଥିଲା, କିନ୍ତୁ ହଳଦୀର ମୂଲ୍ୟ ବୃଦ୍ଧି ପାଇଁ କିଛି କରାଯାଇ ନଥିଲା, ଯେତେବେଳେ ଗବେଷଣା ପ୍ରତିଷ୍ଠାନ ପାଇଁ କୋଟି କୋଟି ଟଙ୍କାର ଟେଣ୍ଡର ଜାରି କରାଯାଇଥିଲା । ସେ ଜଳସେଚନ, ଚାକିରି, ସୁରକ୍ଷା ଏବଂ କୃଷକ କଲ୍ୟାଣ ଉପରେ ପ୍ରଶ୍ନ ଉଠାଇ କହିଥିଲେ ଯେ ଖାଲି ପଦବୀ କାହିଁକି ପୂରଣ କରାଯାଉନାହିଁ, ଛାତ୍ରମାନେ କାହିଁକି ସ୍କୁଲ ଛାଡୁଛନ୍ତି ଏବଂ ମହିଳାମାନେ ସୁରକ୍ଷିତ ଅଛନ୍ତି କି ନାହିଁ । ସେ କହିଥିଲେ, ତୁମେ ମୋତେ ନିଜେ କୁହ, ଏହା ସତ୍ୟ କି ? ଏହା ହେଉଛି ବାସ୍ତବତା । ବିଜୟ ଡିଏମକେକୁ ଫେଭିକଲ୍ ପରି ଲାଗି ରହିଥିବା ସମସ୍ୟା ଥିବା ଏକ ଦଳ ଭାବରେ ବର୍ଣ୍ଣନା କରିଥିଲେ ଏବଂ ସେମାନଙ୍କୁ ପେରିଆରଙ୍କ ନାମ ଲୁଟ୍ ପାଇଁ ବ୍ୟବହାର ନ କରିବାକୁ ଅନୁରୋଧ କରିଥିଲେ । ବିଜୟ କହିଛନ୍ତି ଯେ, ପୂର୍ବରୁ, ମୁଁ ଆଶ୍ଚର୍ଯ୍ୟ ହେଉଥିଲି ଯେ ଏମଜିଆର ଏବଂ ଜୟଲଳିତା ଡିଏମକେ ପ୍ରତି ଏତେ କଠୋର କାହିଁକି ଥିଲେ । ଏବେ ମୁଁ ପୁନର୍ବାର କହୁଛି ଯେ ଡିଏମକେ ଏକ ଦୁଷ୍ଟ ଶକ୍ତି । ସେ ଡିଏମକେକୁ ତାଙ୍କର ରାଜନୈତିକ ଏବଂ ଆଦର୍ଶଗତ ଶତ୍ରୁ ବୋଲି କହିଥିଲେ । ବିଜୟ କହିଥିଲେ ଯେ ଲୋକଙ୍କ ସହିତ ତାଙ୍କର ୩୪ ବର୍ଷର ପୁରୁଣା ସମ୍ପର୍କ ଅଛି (ଚଳଚ୍ଚିତ୍ର ସହିତ ଆରମ୍ଭ କରି) ଏବଂ ସେମାନେ ତାଙ୍କୁ କେବେ ନିରାଶ କରିବେ ନାହିଁ । ଏହି ରାଲିରେ, ପୂର୍ବତନ ମନ୍ତ୍ରୀ ସେଙ୍ଗୋଟାଇୟାନଙ୍କୁ ଟିଭିକେରେ ସାମିଲ କରାଯାଇଥିଲା, ଯାହାଙ୍କୁ ବିଜୟ ଏକ ବଡ଼ ଶକ୍ତି ଭାବରେ ବର୍ଣ୍ଣନା କରିଥିଲେ । ବିଜୟ କହିଥିଲେ ଯେ ସେ କେବଳ ୨୦୨୬ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଲୋକଙ୍କୁ ବିରୋଧ କରିବେ ଏବଂ ଅଧିକ ନେତା ଦଳରେ ଯୋଗଦେବେ ।

## ମିଆଁମାରରେ ଭୂକମ୍ପ

**ନୂଆଦିଲ୍ଲୀ, ୧୮।୧୨ (ଏଜେନ୍ସି):** ମିଆଁମାରରେ ଭୂକମ୍ପ । ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୪.୪ ଥିବା ସୂଚନା ଦେଇଛି ନ୍ୟାସନାଲ ସେଣ୍ଟର ଫର ସିସମୋଲୋଜି । ଭୂପୃଷ୍ଠରୁ ପ୍ରାୟ ୧୦୦ କିଲୋମିଟର ଗଭୀରରେ ଏହି ଭୂକମ୍ପ ଘଟିଛି । ଗତ ୧୩ ତାରିଖରେ ମିଆଁମାରରେ ଘଟିଥିଲା ୩.୯ ତୀବ୍ରତାର ଭୂକମ୍ପ । ଏହା ଭୂପୃଷ୍ଠର ୧୧୫ କିଲୋମିଟର ଗଭୀରରେ ଘଟିଥିଲା । ସେହିପରି ଗତ ଡିସେମ୍ବର ୧୧



ତାରିଖରେ ବି ୩.୮ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା । ଗତ କିଛି ଦିନ ଧରି ଲଗାତାର ଭୂକମ୍ପ ଘଟୁଥିବାରୁ ଆତଙ୍କ ସୃଷ୍ଟି ହେଉଛି ।

## ମସ୍କଟରେ ପ୍ରବାସୀ ଭାରତୀୟଙ୍କୁ ମୋଦିଙ୍କ ସମ୍ବୋଧନ

**ନୂଆଦିଲ୍ଲୀ, ୧୮।୧୨ (ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଜି ଓମାନ ଗସ୍ତର ଦ୍ୱିତୀୟ ଦିନ । ଏହି ଅବସରରେ ଓମାନର ରାଜଧାନୀ ମସ୍କଟରେ ଭାରତୀୟ ପ୍ରବାସୀଙ୍କ ଉଦ୍ଦେଶ୍ୟରେ ଅଭିଭାଷଣ ଦେବା ସହିତ ନୂତନ ଉତ୍ସାହ ସଞ୍ଚାର କରିଥିଲେ । ଭାରତ ଏବଂ ଓମାନ ମଧ୍ୟରେ ୭୦ ବର୍ଷର ଗଭୀର ସମ୍ପର୍କ ବିଷୟରେ ଆଲୋଚନା କରିଥିଲେ । ସେ କହିଥିଲେ ଭାରତ ଏବେ ଏକ ପରିବାର ଭାବରେ ଏକଜୁଟ ହୋଇଛି । ବିକାଶର ନୂତନ ଶିଖର ଆଡକୁ ଦ୍ରୁତ ଗତିରେ ବଢୁଛି । ସେ ଭାରତୀୟ ପ୍ରବାସୀଙ୍କୁ 'ମିନି ଭାରତ' ବୋଲି କହିଥିଲେ । ଯାହାକି ଭାରତର ପରିବର୍ତ୍ତନଶୀଳ ଅର୍ଥନୈତିକ ଏବଂ ସାଂସ୍କୃତିକ ଶକ୍ତିର ବିଶ୍ୱସ୍ତରୀୟ ବାର୍ତ୍ତା । ଭାରତ-ଓମାନ ବିଜନେସ୍ ଫୋରମର କାର୍ଯ୍ୟକ୍ରମ ବେଳେ ନିଜ ସମ୍ବୋଧନରେ ପ୍ରଧାନମନ୍ତ୍ରୀ କହିଛନ୍ତି ଏହି ସମ୍ମିଳନୀ ନୂଆଦିଗ ଏବଂ ଗତି ଦେବ । ଦୁଇ ଦେଶର ସମ୍ପର୍କ ଶୀର୍ଷରେ ପହଞ୍ଚିବ । ସଭ୍ୟତାର ଆରମ୍ଭରୁ ଆମର ପୂର୍ବତନ ପରସ୍ପର ସହ



ସମୁଦ୍ର ଜରିଆରେ ବାଣିଜ୍ୟ କରୁଥିଲେ । ମାଣ୍ଡଭି ଓ ମସ୍କଟ ଭିତରେ ଆରବ ସାଗର ଏକ ମଜବୁତ ସେତୁ ପାଲଟିଥିଲା । ଏହି ବ୍ରିଜ୍ ଆମ ସମ୍ପର୍କକୁ ମଜବୁତ କରିଛି ଓ ସଂସ୍କୃତି ଏବଂ ଅର୍ଥବ୍ୟବସ୍ଥାକୁ ଶକ୍ତି ଦେଇଛି । ଆଜି ଆମେ କହିପାରିବା ସମୁଦ୍ର ଲହର ବଦଳିଥାଏ, ପାଣିପାଗ ବଦଳିଥାଏ, କିନ୍ତୁ ଭାରତ ଓ ଓମାନର ଦୋସ୍ତି ପ୍ରତି ପାଣିପାଗରେ ମଜବୁତ ହୋଇଥାଏ । ଏହା ସହ ପ୍ରଧାନମନ୍ତ୍ରୀ ନିଜ ଭାଷଣରେ ଦେଶ ଭିତରେ ହୋଇଥିବା ବଡ଼ ପରିବର୍ତ୍ତନକୁ ମଧ୍ୟ ଆଲୋଚନା କରଛନ୍ତି । ସେ କହିଛନ୍ତି, ଗତ ୧୧ ବର୍ଷରେ ଭାରତ ନିଜର ଇକୋନୋମିକ୍ ଡିଏନ୍ଏ ବଦଳାଇ ଦେଇଛି । ସରକାର ଜଟିଳ ଆଇନକୁ ସରଳ କରିଛନ୍ତି । ଏହାର ଉଦାହରଣ ଲେବର କୋଡକୁ କେବଳ ୪ ଟି କୋଡରେ ସମାହିତ କରିବା କଥା କହିଛନ୍ତି । ଦୁନିଆରେ ଜାରି ରହିଥିବା ଅନିଶ୍ଚିତତା ଭିତରେ ଭାରତ ଏକ ମଜବୁତ ଅର୍ଥବ୍ୟବସ୍ଥା ଭାବରେ ଆଗକୁ ବଢୁଛି । ପ୍ରଧାନମନ୍ତ୍ରୀଙ୍କ କହିବା ଅନୁସାରେ ଭାରତ ନା କେବଳ ନିଜର କାମ କରିବାର ଶୈଳି ବଦଳାଇଛି, ବଂର ଇନୋଭେସନ୍ ଓ ବିଜନେସ୍ କରିବାର ପଦ୍ଧତିକୁ ମଧ୍ୟ ଆଧୁନିକ ଏବଂ ବିଶ୍ୱୀକରଣ କରିଛି ।

## ୨୮% ଭାରତୀୟ ବିଚ୍ଛେଦ ପରେ ପୁନର୍ବିବାହ ଲାଗି ପ୍ରସ୍ତୁତ

**ନୂଆଦିଲ୍ଲୀ, ୧୮।୧୨ (ଏଜେନ୍ସି):** ଧାର୍ମିକ ତଥା ପାରମ୍ପରିକ ବିଧିବିଧାନର ସହ ଈଶ୍ୱରଙ୍କୁ ସାକ୍ଷୀ ରଖି ବିବାହ କରୁଥିବା ଦମ୍ପତି ସାଥୀ ହୋଇ ଖୁସିରେ ଜୀବନ ବିତାଇବାକୁ ପରସ୍ପରକୁ ପ୍ରତିଶ୍ରୁତି ଦିଅନ୍ତି । କିନ୍ତୁ ବାସ୍ତବରେ ସେମାନେ ସର୍ବଦା ଖୁସିରେ ରହିପାରନ୍ତି ନାହିଁ । କିଛି ଦମ୍ପତିଙ୍କ ସମ୍ପର୍କ ଭାଙ୍ଗିଯାଏ ଏବଂ ବିଭିନ୍ନ କାରଣ ପାଇଁ ସେମାନେ ପରସ୍ପରଠୁ ଅଲଗା ହେବାକୁ ନିଷ୍ପତ୍ତି ନିଅନ୍ତି । ବିବାହ ବିଚ୍ଛେଦ ଆଜି ବି ଏକ ସାମାଜିକ କଳଙ୍କହୋଇ ରହିଛି । ପୁଣି ଥରେ ଭଲପାଇବା ଏବଂପୁନର୍ବିବାହ ଏବେ ବି ସମାଲୋଚନାର କେନ୍ଦ୍ରବିନ୍ଦୁ ହେଉଛି । ତେବେ ଏ ନେଇ ଏବେ ଲୋକଙ୍କ ବିଚାର ବଦଳୁଛି । ଦୁଃଖୀ ବୈବାହିକ ସମ୍ପର୍କ ଅପେକ୍ଷା ବିଚ୍ଛେଦ ଭଲ ଓ ସ୍ୱାସ୍ଥ୍ୟପ୍ରଦ ବୋଲି ଅନେକ ଦମ୍ପତି ଗ୍ରହଣ କରୁଛନ୍ତି । ଛାଡ଼ପତ୍ର ନେଇଥିବା, ଅଲଗା ରହୁଥିବା ଏବଂ ବିଧବାଙ୍କ ବିବାହ ପାଇଁ ଯୋଡ଼ି ଖୋଜୁଥିବା ଆପ୍ 'ରିବାଉଣ୍ଡ' ଏ ନେଇ ଏକସର୍ଭେ କରିଛି । ଏଥିରୁ ପୁନର୍ବିବାହ ପ୍ରତି ଲୋକଙ୍କମନୋଭାବ ଏବେ ବଦଳୁଛି ବୋଲି ଆପ୍ ଦର୍ଶାଇଛି । ସର୍ଭେରେ ଅଂଶଗ୍ରହଣ କରିଥିବା ଲୋକଙ୍କ ମଧ୍ୟରୁ ୨୮ ପ୍ରତିଶତ କହିଛନ୍ତି, ଛାଡ଼ପତ୍ର ପରେ ପୁଣିଥରେ ଜୀବନ ଆରମ୍ଭ କରିବାକୁ ସେମାନେ ପ୍ରସ୍ତୁତ । ପୂର୍ବର ବିବାହ ସେମାନଙ୍କ ଜୀବନର ପରିଚୟ ହେଉବୋଲି ସେମାନେ ଚାହାନ୍ତି ନାହିଁ ।

## ଏଣିକି ଟୋଲ୍ ଟ୍ୟାକ୍ସ ଆଦାୟ କରିବ ଏଆଇ

**ନୂଆଦିଲ୍ଲୀ, ୧୮।୧୨ (ଏଜେନ୍ସି):** କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀଙ୍କ ବଡ଼ ଘୋଷଣା । ସାରା ଦେଶରେ ମଲ୍ଟି-ଲେନ୍ ଫ୍ରି ଫ୍ଲୋ (ଏମଏଲଏଫଏଫ) ଟୋଲ୍ ସିଷ୍ଟମ୍ ଏବଂ ଏଆଇ-ଚାଳିତ ରାଜପଥ ପରିଚାଳନା ୨୦୨୬ ଶେଷ ସୁଦ୍ଧା ଶେଷ ହେବ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଟୋଲ୍ ପ୍ଲାଜାରେ ଏହି ପ୍ରଯୁକ୍ତିବିଦ୍ୟା କାର୍ଯ୍ୟକାରୀ ହେବା ପରେ, ଟୋଲ୍ ପ୍ଲାଜାରେ ଯାତ୍ରୀମାନଙ୍କ ଅପେକ୍ଷା ସମୟ ହ୍ରାସ ହେବ । ନୀତିନ ଗଡ଼କରୀଙ୍କ କହିବାନୁସାରେ, ନୂତନ ପ୍ରଯୁକ୍ତିବିଦ୍ୟା ଏଆଇ ଆଧାରିତ ହେବ । ଯାତ୍ରୀମାନଙ୍କୁ ଟୋଲ୍ ପ୍ଲାଜାରେ ଆଉ ଅଧିକ ସମୟ ଅପେକ୍ଷା କରିବାକୁ ପଡ଼ିବ ନାହିଁ । ଏହି ପ୍ରଯୁକ୍ତିବିଦ୍ୟା କାର୍ଯ୍ୟକାରୀ ହେବା ପରେ ଏହା ୧୫୦୦ କୋଟି ଇନ୍ଧନ ସଞ୍ଚୟ କରିବ ଏବଂ କେନ୍ଦ୍ର ସରକାରଙ୍କ ରାଜସ୍ୱରେ ୬ ହଜାର କୋଟି ଯୋଡ଼ିହେବ । କେନ୍ଦ୍ର ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି, ମଲ୍ଟି-ଲେନ୍ ଫ୍ରି ଫ୍ଲୋ ଟୋଲ୍ ଏକ ଭଲ ସୁବିଧା । ପୂର୍ବରୁ ଟୋଲରେ ଦେୟ ଦେବାକୁ ପଡୁଥିଲା ଯେଉଁଥିରେ ୩ ରୁ ୧୦ ମିନିଟ୍ ସମୟ ଲାଗୁଥିଲା । ଫାଷ୍ଟଟ୍ୟାଗ୍ ଯୋଗୁଁ ବର୍ତ୍ତମାନ ଏହି ସମୟ ୬୦ ସେକେଣ୍ଡ କିମ୍ବା ତା'ଠାରୁ କମ୍ ହୋଇଛି । ଫଳରେ ଅତି କମରେ ୫ ହଜାର କୋଟି ଟଙ୍କା ବୃଦ୍ଧି ପାଇଛି । ଏମଏଲଏଫଏଫ ଫାଷ୍ଟଟ୍ୟାଗ୍ ବଦଳାଇବା ପରେ, ଯାନବାହାନଗୁଡ଼ିକ ଏବେ ସର୍ବାଧିକ ୮୦ କିମି ଘଣ୍ଟା ବେଗରେ ଟୋଲ୍ ପାର୍ କରିପାରିବେ । ଗଡ଼କରୀ ଆହୁରି କହିଛନ୍ତି, ୨୦୨୬ ସୁଦ୍ଧା, ଆମେ ଏହି କାମକୁ ୧୦୦ ପ୍ରତିଶତ ଶେଷ କରିବୁ ଏବଂ ଏହି କାମ ଶେଷ ହେବା ପରେ, ଏହା ଆମ ଆୟରୁ ୧୫୦୦ କୋଟି ଟଙ୍କା ସଞ୍ଚୟ କରିବାରେ ସାହାଯ୍ୟ କରିବ ଏଥିସହ ଆୟ ୬ ହଜାର କୋଟି ଟଙ୍କା ବୃଦ୍ଧି ପାଇବ । ଏହା କାର୍ଯ୍ୟକାରୀ ହେବା ପରେ ଲୋକଙ୍କୁ ଟୋଲ୍ ପ୍ଲାଜାରେ କୌଣସି ସମସ୍ୟା ହେବ ନାହିଁ ଏବଂ ଲୋକଙ୍କୁ ଟୋଲ୍ ପ୍ଲାଜାରେ ଅଟକିବାକୁ ପଡ଼ିବ ନାହିଁ ।

## ଯାହାର ହିଜାବ ପିନ୍ଧିବାକୁ ମନ ସେ ପାକିସ୍ତାନ ଚାଲିଯାଉ

**ନୂଆଦିଲ୍ଲୀ, ୧୮।୧୨ (ଏଜେନ୍ସି):** ପାଟନାରେ ନିଯୁକ୍ତି ପତ୍ର ବଣ୍ଟନ ସମୟରେ ଜଣେ ମହିଳା ଡାକ୍ତରଙ୍କ ହିଜାବ ଟାଣିବାକୁ ନେଇ ଏବେ ବିବାଦରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର । ଘଟଣାର ଭିଡିଓ ଭାଇରାଲ ହେବା ପରେ ବିରୋଧୀ ଦଳ ନୀତିଶ କୁମାରଙ୍କୁ କ୍ଷମା ମାଗିବାକୁ କହୁଥିବା ବେଳେ ବିଜେପି, ମୁଖ୍ୟମନ୍ତ୍ରୀଙ୍କୁ ସମର୍ଥନ କରିଛି । ବରିଷ୍ଠ ବିଜେପି ନେତା ହରିଭୂଷଣ ଠାକୁର ବଚୌଲ କହିଛନ୍ତି ଯେ, ସାରା ଭାରତରେ ହିଜାବକୁ ନିଷିଦ୍ଧ କରାଯିବା ଉଚିତ । ବଚୌଲ କହିଛନ୍ତି ଯେ, ହିଜାବ ଆଳରେ ଆତଙ୍କବାଦ ବଢେ । ଆକ୍ରମଣ କରିବା ପରେ ଆତଙ୍କବାଦୀମାନେ ହିଜାବ ପିନ୍ଧି ଖସି ପଳାଇଯାଆନ୍ତି । ହିଜାବ ପିନ୍ଧିବାକୁ ଚାହୁଁଥିବା ଯେକୌଣସି ବ୍ୟକ୍ତି ପାକିସ୍ତାନ ଯିବା ଉଚିତ । ମୁଖ୍ୟମନ୍ତ୍ରୀ ନୀତିଶ କୁମାର କ୍ଷମା ମାଗିବେ ନାହିଁ । ସେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି । ନିଯୁକ୍ତି ପତ୍ର ବଣ୍ଟନ ଉତ୍ସବରେ ଜଣେ ମହିଳା ଡାକ୍ତରଙ୍କ ହିଜାବ କାଢି ସେ ଠିକ୍ କାମ କରିଛନ୍ତି । ହିଜାବ ପିନ୍ଧି ନିଯୁକ୍ତି ପତ୍ର ଗ୍ରହଣ କରିବାକୁ ଆସିଥିବା ମହିଳା ଡାକ୍ତର ବିହାର ଛାଡିବା ଉଚିତ । ସେ ମୁହଁ ଲୁଚାଇ ନିଯୁକ୍ତି ପତ୍ର ଗ୍ରହଣ କରିବାକୁ ଯାଇଥିଲେ । ଏବେ ବିଜେପି ନେତାଙ୍କ ବୟାନ ରାଜନୈତିକ ଝଡ଼ ସୃଷ୍ଟି



କରିଛି । ଆରଜେଡି ନେତା ମୁକେଶ କୁମାର ରୋଶନ ବଚୌଲଙ୍କୁ ଦଙ୍ଗାକାରୀ ବୋଲି କହି ଦାବି କରିଛନ୍ତି ଯେ, ସେ ହିନ୍ଦୁ ଏବଂ ମୁସଲମାନ ମଧ୍ୟରେ ହିଂସା ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି । ତାଙ୍କୁ ତୁରନ୍ତ ଗିରଫ କରାଯିବା ଉଚିତ । ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏକ କାର୍ଯ୍ୟକ୍ରମରେ ଆୟୁଷ ଡାକ୍ତରଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରୁଥିବା ବେଳେ ଏହି ଘଟଣା ଘଟିଥିଲା । ଏହି ଘଟଣାଟି ମୁଖ୍ୟମନ୍ତ୍ରୀଙ୍କ ସଚିବାଳୟ 'ସମ୍ବାଦ'ରେ ଘଟିଥିଲା, ଯେଉଁଠାରେ ୧୦୦୦ରୁ ଅଧିକ ଆୟୁଷ ଡାକ୍ତରଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଯେତେବେଳେ ନୁସରତ ପରବୀନଙ୍କ ପାଳି ଆସିଲା, ସେ ମଞ୍ଚ ଉପରକୁ ଆସିଥିଲେ । ତାଙ୍କୁ ହିଜାବ ପିନ୍ଧିଥିବାର ଦେଖି ନୀତିଶ ଏହା କ'ଣ ? ବୋଲି ପଚାରିଥିଲେ । ଏହା ପରେ ସେ ତାଙ୍କ ମୁହଁରୁ ହିଜାବକୁ ଟାଣି ଦେଇଥିଲେ । ମୁଖ୍ୟମନ୍ତ୍ରୀ ଏଭଳି କରିବା ଦେଖି ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ନୀତିଶଙ୍କୁ ଅଟକାଇବା ପାଇଁ ତାଙ୍କ ହାତକୁ ଟାଣି ଆଣିଥିବା ଭିଡିଓରେ ଦେଖାଯାଇଛି । ଭିଡିଓଟି ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବିରୋଧୀ ଦଳ ଏବଂ ସୋସିଆଲ ମିଡିଆ ବ୍ୟବହାରକାରୀମାନେ ଏହି କାର୍ଯ୍ୟ ଉପରେ କ୍ରୋଧ ପ୍ରକାଶ କରିଛନ୍ତି ।

## ଭାରତୀୟ ବିମାନ ଲାଗି ବଢିଲା ଏୟାରସ୍ପେସ ବ୍ୟାନ ଅବଧି

**ନୂଆଦିଲ୍ଲୀ, ୧୮।୧୨ (ଏଜେନ୍ସି):** ଭାରତୀୟ ବିମାନ ଲାଗି ପାକିସ୍ତାନ ନିଜ ଏୟାରସ୍ପେସ ବ୍ୟାନ ଅବଧିକୁ ଜାନୁଆରୀ ୨୩ ଯାଏ ବୃଦ୍ଧି କରିଛି । ପହଲଗାମ ହମଲା ପରଠାରୁ ଗତ ଏପ୍ରିଲରୁ ଭାରତ ଲାଗି ନିଜର ଆକାଶ ସୀମାକୁ ନିଷିଦ୍ଧ କରିଥିଲା ପାକିସ୍ତାନ । ପ୍ରତିବାଦରେ ଭାରତ ବି ସମଧରଣର ପଦକ୍ଷେପ ନେଇଥିଲା । ପ୍ରାୟ ୯ ମାସ ଧରି ଏହି ଅଚଳାବସ୍ଥା ଯୋଗୁ ଦୁଇ ଦେଶ ପ୍ରଭୁତ ଆର୍ଥିକ କ୍ଷତି ସହିଲେଣି । ଡିସେମ୍ବର ୨୪ ଯାଏ ପାକିସ୍ତାନ ପକ୍ଷରୁ ଜାରି ନିଷେଧାଦେଶ ବଳବତ୍ତର ଥିଲା । ମାତ୍ର ଏହି ସମୟ ସୀମାକୁ ଜାନୁଆରୀ ୨୩ ଯାଏ ବୃଦ୍ଧି କରିଛି ପାକିସ୍ତାନ ବିମାନ ବନ୍ଦର କର୍ତ୍ତୃପକ୍ଷ ।

## କର୍ମଶ୍ରୀ ଯୋଜନାକୁ ମହାତ୍ମା ଗାନ୍ଧିଙ୍କ ନାମରେ ନାମିତ କଲେ ମମତା

**ନୂଆଦିଲ୍ଲୀ, ୧୮।୧୨ (ଏଜେନ୍ସି):** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର କହିଛନ୍ତି ଯେ ତାଙ୍କ ସରକାର ରାଜ୍ୟର ଗ୍ରାମୀଣ ଚାକିରି ଗ୍ୟାରେଣ୍ଟି କାର୍ଯ୍ୟକ୍ରମ କର୍ମଶ୍ରୀକୁ ମହାତ୍ମା ଗାନ୍ଧୀଙ୍କ ନାମରେ ନାମିତ କରିବ । ସେ କେନ୍ଦ୍ରର ବିଜେପି ସରକାର ୨୦ ବର୍ଷ ପୁରୁଣା ମନରେଗା ଯୋଜନାକୁ VB-G RAM ଏ ଯୋଜନା ସହିତ ବଦଳାଇବାକୁ ଘୋଷଣା କରିଥିବାବେଳେ ତାହାର ଜବାବରେ ମମତା ଏପରି କରିଛନ୍ତି । କେନ୍ଦ୍ର ସରକାରଙ୍କ ଏହି ଘୋଷଣା ପରେ ବିରୋଧୀ ଦଳ ମହାତ୍ମାଗାନ୍ଧିଙ୍କ ଅପମାନ ହୋଇଥିବା ଅଭିଯୋଗ କରିଛନ୍ତି । ଏପରି ସ୍ଥିତିରେ ମମତା ମହାତ୍ମାଗାନ୍ଧିଙ୍କ ନାମକୁ ବ୍ୟବହାର କରି ବିଜେପିକୁ ଜବାବ ଦେଇଛନ୍ତି । ଗୁରୁବାର ଏକ ବ୍ୟବସାୟ ଏବଂ ଶିଳ୍ପ ସମ୍ମିଳନୀରେ ଭାଷଣ ଦେଇ, ମମତା ବାନାର୍ଜୀ ସିଧାସଳଖ ବିଜେପିର ନାମ ନ ନେଇ କହିଥିଲେ ଯେ ଯଦି କିଛି ରାଜନୈତିକ ଦଳ ଆମର ଜାତୀୟ ପ୍ରତୀକମାନଙ୍କୁ ସମ୍ମାନ କରନ୍ତି ନାହିଁ ତେବେ ଏହା ଲଜ୍ଜାର ବିଷୟ । ମମତା ବାନାର୍ଜୀ କହିଛନ୍ତି, ମୁଁ ଲଜ୍ଜିତ ଯେ ସରକାର MGNREଏଇ କାର୍ଯ୍ୟକ୍ରମରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି, କାରଣ ମୁଁ ମଧ୍ୟ ଏହି ଦେଶର । ଆମେ ଏବେ ଜାତିର ପିତାଙ୍କୁ ଭୁଲିଯାଉଛୁ ।

## ୟୁରୋପୀୟ ରାଷ୍ଟ୍ରସଙ୍ଘକୁ ରୁଷ ରାଷ୍ଟ୍ରପତି ପୁଟିନଙ୍କ ଚେତାବନୀ

**ନୂଆଦିଲ୍ଲୀ, ୧୮।୧୨ (ଏଜେନ୍ସି):** ୟୁରୋପୀୟ ରାଷ୍ଟ୍ରସଙ୍ଘକୁ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଚେତାବନୀ । ଆମେରିକା ପକ୍ଷରୁ ଚାଲିଥିବା ଶାନ୍ତି ପ୍ରକ୍ରିୟାକୁ ସମର୍ଥନ ନକଲେ ୟୁକ୍ରେନର ଆହୁରି ଅଧିକ ଅଞ୍ଚଳକୁ ରୁଷ ଅକ୍ତିଆର କରିବ ବୋଲି ଧମକ ଦେଇଛନ୍ତି ପୁଟିନ । ଆମେରିକା ପକ୍ଷରୁ ଜାରି ରହିଥିବା ଶାନ୍ତି ପ୍ରକ୍ରିୟାକୁ କିବ ଓ ଅନ୍ୟ ପାଶ୍ଚାତ୍ୟ ରାଷ୍ଟ୍ର ନ ମାନିଲେ ଏହି ପଦକ୍ଷେପ ନିଆଯିବାକୁ ଧମକେ ଦେଇଛନ୍ତି ପୁଟିନ । ୟୁରୋପୀୟ ରାଷ୍ଟ୍ରସମୂହରେ ବୁଲଗେରିଆ, ଫ୍ରାନ୍ସ, ହଙ୍ଗେରୀ, ପୋଲାଣ୍ଡ, ସ୍ପେନ ବେଲଜିୟମ ସମେତ ୩୧ ରାଷ୍ଟ୍ର ସଦସ୍ୟ ଅଛନ୍ତି । ପ୍ରତିରକ୍ଷା ମନ୍ତ୍ରାଳୟର ବାର୍ଷିକ ବୈଠକରେ ପୁଟିନ କହିଛନ୍ତି- ଐତିହାସିକ ଭାବେ ନିରୂପିତ ଥିବା ନିଜର ଭୂଖଣ୍ଡର ମୁକ୍ତି ଲାଗି ରୁଷ ପ୍ରସ୍ତୁତ ରହିଛି ଏବଂ କୂଟନୀତି ବା ସାମରିକ ବଳ ଜରିଆରେ ଏହି ଭୂଖଣ୍ଡକୁ ଅଧିକାର କରିବା ଲାଗି ରୁଷ ପଛଘୁଞ୍ଚା ଦେବ ନାହିଁ । ଯୁଦ୍ଧର ଅବସାନ ଲାଗି ରୁଷ, ୟୁକ୍ରେନ ଓ ୟୁରୋପୀୟ ରାଷ୍ଟ୍ରସଂଘ ନେତାଙ୍କ ସହ ଆମେରିକା ଭିନ୍ନ ଭିନ୍ନ ସମୟରେ ଆଲୋଚନା କରିଥିବାବେଳେ ଶାନ୍ତି ଫେରିପାରିନାହିଁ । କ୍ରିମିଆକୁ ରୁଷ ୨୦୧୪ରେ ସମ୍ପୂର୍ଣ୍ଣ ଅକ୍ତିଆର କରିଥିବାବେଳେ ଦୋନବାସ, ଖେରସନ, ଜାପୋରଜିଆର ବହୁ ଅଞ୍ଚଳରେ ରୁଷ ଆଧିପତ୍ୟ ବିସ୍ତାର କରିଛି ।

## ହିଜାବ ଟାଣିବା ବିବାଦକୁ ନେଇ ନୀତିଶଙ୍କୁ ସମର୍ଥନ କଲେ ଗିରିରାଜ

**ନୂଆଦିଲ୍ଲୀ, ୧୮।୧୨ (ଏଜେନ୍ସି):** ହିଜାବ ଟାଣିବା ବିବାଦକୁ ନେଇ ନୀତୀଶଙ୍କୁ ସମର୍ଥନ କଲେ ଗିରିରାଜୟ କିଛି ଦିନ ହେବ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ବିବାଦରେ ରହିଛନ୍ତି । ଏକ କାର୍ଯ୍ୟକ୍ରମରେ ନିଯୁକ୍ତି ପତ୍ର ଦେବା ସମୟରେ ସେ ଜଣେ ମହିଳାଙ୍କ ମୁହଁରୁ ହିଜାବ ଟାଣି ଦେଇଥିଲେ । ଏହାର ଭିଡିଓ ଭାଇରାଲ ହେବା ପରଠାରୁ ନୀତିଶଙ୍କ ଏଭଳି କାମକୁ ନିନ୍ଦା କରାଯାଉଛି । ହେଲେ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହ ତାଙ୍କୁ ସମର୍ଥନ କରିଥିବା ଜଣାପଡ଼ିଛି । ସେ କହିଛନ୍ତି ଯେ, ନୀତିଶ କୁମାର କିଛି ଭୁଲ କରିନାହାଁନ୍ତି । ଯଦି କେହି ନିଯୁକ୍ତି ପତ୍ର ଆଣିବାକୁ ଯାଉଛନ୍ତି, ତେବେ ସେମାନେ କ'ଣ ତାଙ୍କର ମୁହଁ ଦେଖାଇବେ ଉଚିତ ନୁହେଁ କି ? ଏଇଟା କ'ଣ ଏକ ଇସଲାମିକ୍ ଦେଶ ? ନୀତିଶ ଜଣେ ଅଭିଭାବକ ଭାବରେ ଏଭଳି କରିଥିଲେ । ପାସପୋର୍ଟ ଆଣିବା କିମ୍ବା ବିମାନବନ୍ଦରକୁ ଯିବା ସମୟରେ ଆପଣ କ'ଣ ଆପଣଙ୍କ ମୁହଁ ଦେଖାନ୍ତି ନାହିଁ ? ଭାରତରେ ଆଇନର ଶାସନ ଚାଲିବ ବୋଲି ସେ କହିଥିଲେ । ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଏକ କାର୍ଯ୍ୟକ୍ରମରେ ଆୟୁଷ ଡାକ୍ତରଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରୁଥିବା ବେଳେ ଏହି ଘଟଣା ଘଟିଥିଲା ।

## ଭାରତ ବିରୋଧରେ ପାକିସ୍ତାନର ବଡ଼ ଷଡଯନ୍ତ୍ର

**ନୂଆଦିଲ୍ଲୀ, ୧୮।୧୨ (ଏଜେନ୍ସି):** ଭାରତର ପୂର୍ବୋତ୍ତର ରାଜ୍ୟରେ ଅଶାନ୍ତି ସୃଷ୍ଟି କରିବା ନେଇ ପାକିସ୍ତାନ ପୁରୁଣା ରଣନୀତିକୁ ଗ୍ରହଣ କରିଛି । ପାକିସ୍ତାନ ସେନା ଓ ଏହାର ଗୁଇନ୍ଦା ଏଜେନ୍ସି ଆଇଏସ୍ଆଇ ଶେଖ୍ ହସିନାଙ୍କ ପରେ ବାଂଲାଦେଶର ଅନ୍ତରୀଣ ସରକାରଙ୍କ ସମୟରେ ନିଜର ପ୍ରଭାବକୁ ବଢାଇବାର ଚେଷ୍ଟା କରୁଛି । ପାକିସ୍ତାନର ରଣନୀତି ପୂର୍ବୋତ୍ତର ରାଜ୍ୟରେ ଉଗ୍ରବାଦକୁ ପୁଣିଥରେ ଜୀବନ୍ତ ରଖିବା । ଏଥିରେ ସବୁଠାରୁ ବଡ଼ ନାଁ ୟୁନାଇଟେଡ୍ ଲିବରେସନ୍ ଫ୍ରଣ୍ଟ ଅଫ୍ ଆସାମ (ଉଲଫା-ଆଇ)ର ମୁଖ୍ୟ ପରେଶ ବରୁଆ । ପାକିସ୍ତାନ ବରୁଆକୁ ଚୀନରୁ ଆଣି ଢାକାରେ ରଖିବାର ଯୋଜନା କରୁଛି । ଏହି ଖୁଲାସା ଏଭଳି ସମୟରେ ହୋଇଛି, ଯେତେବେଳେ ବାଂଲାଦେଶରେ ରାଜନୈତିକ ଅସ୍ଥିରତା ପରେ ଭାରତ ସହ ସମ୍ପର୍କ ବିବାଦୀୟ ହୋଇଛି । ବିଶେଷଜ୍ଞଙ୍କ କହିବା ଅନୁସାରେ, ପାକିସ୍ତାନ ସେନା ଓ ଆଇଏସ୍ଆଇ ବାଂଲାଦେଶରେ ଥିବା ଅନ୍ତରୀଣ ବ୍ୟବସ୍ଥା ଅନୁସାରେ, ତାଙ୍କ ଗତିବିଧିକୁ ବଢାଇ ଦେଇଛି । ଅଭିଯୋଗ ଅନୁସାରେ, ପାକିସ୍ତାନ ବାଂଲାଦେଶର ଫେବୃଆରୀରେ ପ୍ରସ୍ତାବିତ ନିର୍ବାଚନରେ କଠୋରପନ୍ଥୀ ଜାମାତ-ଇ-ଇସ୍ଲାମୀକୁ ପରୋକ୍ଷରେ ସମର୍ଥନ ଦେଇଛି । ଯାହାଫଳରେ ଭବିଷ୍ୟତରେ ତାଙ୍କ ଅନୁକୂଳ ସରକାର ତିଆରି କରିପାରିବ । ପରେଶ ବରୁଆକୁ ପରେଶ ଆସାମ ନାମରେ ଜଣାଯାଏ । ସେ ଉଲଫାର ପ୍ରତିଷ୍ଠାତା ସଦସ୍ୟଙ୍କ ଭିତରୁ ଜଣେ । ୧୯୭୯ ରେ ଗଠିତ ଉଲଫା ଆସାମକୁ ଭାରତଠାରୁ ଅଲଗା କରିବା ପାଇଁ ସଶସ୍ତ୍ର ସଂଘର୍ଷ ଆରମ୍ଭ କରିଥିଲା । ସଂଗଠନର ବିଭାଜନ ୨୦୧୧ ରେ ହୋଇଥିଲା । ଯେତେବେଳେ ଅରବିନ୍ଦ ରାଜଖୋଆଙ୍କ ନେତୃତ୍ୱାଧୀନ ଗୋଷ୍ଠୀଙ୍କ ସହ ଆଲୋଚନା ପାଇଁ ଆଗକୁ ଆସିଥିଲେ, କିନ୍ତୁ,ବରୁଆ ଉଲଫା ଇଣ୍ଡିପେଣ୍ଡେଣ୍ଟ (ଉଲଫା ଆଇ) ହୋଇ ସଂଘର୍ଷ ଜାରି ରଖିଥିଲେ ।



# ଆମାଜନ ପେ ପକ୍ଷରୁ ୟୁପିଆଇ ବାୟୋମେଟ୍ରିକ ପ୍ରମାଣୀକରଣ ଆରମ୍ଭ

ଭୁବନେଶ୍ୱର, ୧୮।୧୨ (ନି.ପ୍ର) : ଆମାଜନ ପେ ପକ୍ଷରୁ ୟୁପିଆଇ ବାୟୋମେଟ୍ରିକ୍ ପ୍ରମାଣୀକରଣର ଶୁଭାରମ୍ଭ କରାଯାଇଛି । ଏହା ସହିତ କମ୍ପାନୀ ଏହି ଅଭିନବ ବୈଶିଷ୍ଟ୍ୟ ପ୍ରଚଳନ କରିବାରେ ଭାରତର ପ୍ରଥମ ପେମେଂଟ ସେବା ପ୍ରଦାନକାରୀମାନଙ୍କ ମଧ୍ୟରୁ ଅନ୍ୟତମ ହୋଇଛି। ଗ୍ରାହକମାନେ ବର୍ତମାନ ପିନ ମନେ ରଖିବା କିମ୍ବା ପ୍ରବେଶ କରିବାର ଆବଶ୍ୟକତା ବିନା କେବଳ ଏକ ଫିଙ୍ଗରପ୍ରିଂଟ କିମ୍ବା ଫେସ ସ୍କାନ୍ ବ୍ୟବହାର କରି ଟ୍ରାନ୍ସକ୍ସନକୁ ଅନୁମୋଦନ କରିପାରିବେ। ନୂତନ ବାୟୋମେଟ୍ରିକ୍ ପ୍ରମାଣୀକରଣରେ ୫,୦୦୦ ଟଙ୍କା ପର୍ଯ୍ୟନ୍ତ କାରବାର ପାଇଁ ବିନା ୟୁପିଆଇ ପିନ ଏଂଟର କରି ଟ୍ରାନ୍ସକ୍ସନ କରିପାରିବେ । ପ୍ରାରମ୍ଭିକ ସ୍ତରରେ ୯୦% ରୁ ଅଧିକ ଗ୍ରାହକ, ଯୋଗ୍ୟ ପିଅର-ଟୁ-ପିଅର୍ ୟୁପିଆଇ ଟ୍ରାନ୍ସକ୍ସନ ପାଇଁ ବାୟୋମେଟ୍ରିକ୍ସକୁ ବାଛିଛନ୍ତି। ଏହି ସୁବିଧା ବିଳମ୍ବକୁ ଯଥେଷ୍ଟ ହ୍ରାସ କରି ଦେୟକୁ ଶୀଘ୍ର, ଅଧିକ ସହଜ ଏବଂ ସୁରକ୍ଷିତ କରିଥାଏ, କାରଣ ବାୟୋମେଟ୍ରିକ୍ ପ୍ରମାଣୀକରଣ ଗ୍ରାହକଙ୍କ ଡିଭାଇସ୍ ସହିତ ଯୋଡ଼ି ହୋଇଛି ଏବଂ ଏହାକୁ ସେୟାର କରାଯାଇପାରିବ ନାହିଁ। କାହାକୁ ଟଙ୍କା ପଠାଇବା କିମ୍ବା ଦୋକାନରେ ପେମେଂଟ କରିବା ସମୟରେ ଆମାଜନ୍ ପେ ୟୁପିଆଇ ବ୍ୟବହାର କରି ଆପଣଙ୍କ ବାଲାନ୍ସ ଯାଂଚ କରୁଥିଲେ ଆପଣଙ୍କ ଫିଙ୍ଗରପ୍ରିଂଟ କିମ୍ବା ମୁହଁ ଆପଣଙ୍କ ପାଇଁ ଅଧିକ ସୁରକ୍ଷିତ ହୋଇଥାଏ।

ଏସମ୍ପର୍କରେ ଆମାଜନ ଇଣ୍ଡିଆର ପେମେଂଟ ନିର୍ଦ୍ଦେଶକ ଗିରିଶ କ୍ରିଷ୍ଣନ କହିଛନ୍ତି, 'ଆମର ଲକ୍ଷ୍ୟ ସର୍ବଦା ଡିଜିଟାଲ୍ ପେମେଂଟକୁ ସୁବିଧାଜନକ ଏବଂ ସୁରକ୍ଷିତ କରିବା ରହିଆସିଛି। ୟୁପିଆଇ ବାୟୋମେଟ୍ରିକ୍ ପ୍ରମାଣୀକରଣ ସହିତ, ଆମେ ଦୈନନ୍ଦିନ ପେମେଂଟରୁ ଅସୁବିଧାର ଆଉ ଏକ ସ୍ତର ହଟାଉଛୁ ଏବଂ ସେଗୁଡ଼ିକୁ ୨ ଗୁଣ ଶୀଘ୍ର କରୁଛୁ। ଆମେ ଦେଖୁଥିବା ବ୍ୟାପକ ଗ୍ରହଣୀୟତା ଏହାକୁ ଦୃଢ଼ କରୁଛି ଯେ ଗ୍ରାହକମାନେ ଗତି, ସରଳତା ଏବଂ ବିଶ୍ୱାସକୁ ମୂଲ୍ୟ ଦିଅନ୍ତି। ଏପର୍ଯ୍ୟନ୍ତ ମିଳିଥିବା ମତାମତ ଅତ୍ୟନ୍ତ ଉତ୍ସାହଜନକ ରହିଛି । ଏହି ଫିଚର୍ ବର୍ତମାନ ଆଣ୍ଡ୍ରଏଡ୍ ଉପଭୋକ୍ତା ମାନଙ୍କ ପାଇଁ ଉପଲବ୍ଧ ଅଛି, ଯାହା ଭାରତର ଡିଜିଟାଲ୍ ପେମେଂଟ ଇକୋସିଷ୍ଟମରେ ଆମାଜନ୍ ପେ'ର ନୂତନତା କ୍ଷେତ୍ରରେ ଅଗ୍ରଣୀ ସ୍ଥିତିକୁ ସୁଦୃଢ଼ କରୁଛି।

amazon pay

# ସିମେଣ୍ଟ ମାନୁଫାକ୍ଚରର୍ସ ଆସୋସିଏସନ (ସିଏମ୍ଏ) ପ୍ରେସିଡେଣ୍ଟ ଭାବରେ ପାର୍ଥ ଜିନ୍ଦଲଙ୍କ ନାମ ଘୋଷଣା

ନୂଆଦିଲ୍ଲୀ, ୧୮।୧୨ (ନି.ପ୍ର) : ଭାରତରେ ସିମେଣ୍ଟ ଉତ୍ପାଦନକାରୀ ମାନଙ୍କର ଶୀର୍ଷ ପରିଷଦ ସିମେଣ୍ଟ ମାନୁଫାକ୍ଚରର୍ସ ଆସୋସିଏସନ (ସିଏମ୍ଏ) ଜେଏସ୍ଡବ୍ଲ୍ୟୁ ସିମେଣ୍ଟ ଲିମିଟେଡର ମ୍ୟାନେଜିଂ ଡାଇରେକ୍ଟର ଶ୍ରୀ ପାର୍ଥ ଜିନ୍ଦଲଙ୍କୁ ସିଏମ୍ଏର ନୂତନ ପ୍ରେସିଡେଣ୍ଟ ଭାବରେ ଚଳିତ ବର୍ଷ ଡିସେମ୍ବର ୧୮ ତାରିଖରେ ଅନୁଷ୍ଠିତ ବାର୍ଷିକ ସାଧାରଣ ବୈଠକରେ ଘୋଷଣା କରିଛି। ଜେ କେ ସିମେଣ୍ଟ ଲିମିଟେଡର ମ୍ୟାନେଜିଂ ଡାଇରେକ୍ଟର ଡ. ରାଘବପତ୍ ସିଂଘାଣିଆ ଆସୋସିଏସନର ଭାଇସ୍ ପ୍ରେସିଡେଣ୍ଟ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ଜିନ୍ଦଲ ବିଦାୟୀ ପ୍ରେସିଡେଣ୍ଟ ତଥା ଶ୍ରୀ ସିମେଣ୍ଟ ଲିମିଟେଡର ମ୍ୟାନେଜିଂ ଡାଇରେକ୍ଟରଙ୍କ ନିକଟରୁ ନୂତନ ପ୍ରେସିଡେଣ୍ଟ ଦାୟିତ୍ୱ ଗ୍ରହଣ କରିଛନ୍ତି। ସିଏମ୍ଏ ସଦସ୍ୟଗଣ ସର୍ବସମ୍ମତ କ୍ରମେ ନୂତନ ପ୍ରେସିଡେଣ୍ଟ ଓ ଭାଇସ୍ ପ୍ରେସିଡେଣ୍ଟଙ୍କ ନାମରେ ମୋହର ମାରିବା ସହିତ ଆସୋସିଏସନର ନେତୃତ୍ୱ ନେବାରେ ଏହି ଦୁଇ ବ୍ୟକ୍ତିତ୍ୱଙ୍କ ଉପରେ ସେମାନଙ୍କର ଆସ୍ଥା ପୁନଃ ଦୃଢତାର ସହିତ ପ୍ରକଟ କରିଥିଲେ। ସିଏମ୍ଏ ଇତିହାସରେ ପ୍ରଥମ ଥର ପାଇଁ ଆସୋସିଏସନ ଯୁବ ପିଢିର ପ୍ରେସିଡେଣ୍ଟ ଓ ଭାଇସ୍ ପ୍ରେସିଡେଣ୍ଟଙ୍କ ଦ୍ୱାରା ପରିଚାଳିତ ହେବ, ଯେଉଁମାନଙ୍କର ପ୍ରଗତିଶୀଳ ଦୂରଦୃଷ୍ଟି ଏବଂ ବିକାଶକାରୀ ଚିନ୍ତାଧାରା ଗୁଡିକ ସିଏମ୍ଏକୁ ଏବଂ ଏହାର ଦୀର୍ଘସ୍ଥାୟୀ କାର୍ଯ୍ୟାବଳୀକୁ ସୁଦୃଢ କରିବ। ଶ୍ରୀ ପାର୍ଥ ଜିନ୍ଦଲ ହେଉଛନ୍ତି ଜେଏସ୍ଡବ୍ଲ୍ୟୁ ସିମେଣ୍ଟ ଲିମିଟେଡର ମ୍ୟାନେଜିଂ ଡାଇରେକ୍ଟର। ସିଏମ୍ଏରେ ଶ୍ରୀ ଜିନ୍ଦଲ ଆସୋସିଏନର ୬୦ ବର୍ଷରେ ଇତିହାସରେ ସର୍ବକନିଷ୍ଠ ନିର୍ବାଚିତ ପ୍ରେସିଡେଣ୍ଟ ହୋଇଛନ୍ତି ଏବଂ ସେ ଭାରତୀୟ ସିମେଣ୍ଟ ଶିଳ୍ପ ସମ୍ମୁଖୀନ ହେଉଥିବା ମୁଖ୍ୟ ଚାଲେଗୁଡିକ ପ୍ରତି ଦୃଷ୍ଟିଦେବା ଏବଂ ଏହାକୁ ନୂତନ ଶକ୍ତି ଓ ଦୃଷ୍ଟିକୋଣ ପ୍ରଦାନ କରିବା ଆଶା କରାଯାଉଛି। ପ୍ରେସିଡେଣ୍ଟ ଭୂମିକାରେ ଶ୍ରୀ ଜିନ୍ଦଲ ଦୀର୍ଘସ୍ଥାୟୀ ନିର୍ମାଣ କାର୍ଯ୍ୟାଭ୍ୟାସ, ଶକ୍ତି ରୂପାନ୍ତରଣ (ଅଙ୍ଗାରକ ମୁକ୍ତ) ଏବଂ ଜଳିଷ୍ଟିକ୍ସର ଶୀର୍ଷକରଣ ଉପରେ ଗୁରୁତ୍ୱ ପ୍ରଦାନ କରି ସିଏମ୍ଏର ନୀତିଗତ କାର୍ଯ୍ୟସୂଚୀ ଗୁଡିକୁ ନୀତି ନିର୍ଦ୍ଧାରଣକାରୀ, ନିୟାମକ ଏବଂ ଅନ୍ୟ ସହଭାଗୀମାନଙ୍କ ସହିତ ଆଗେଇ ନେବେ ଏବଂ ସିମେଣ୍ଟ ଶିଳ୍ପର ସାମୂହିକ ସ୍ୱର ଏବଂ ଅଗ୍ରାଧିକାରତାକୁ



ସିଏମ୍ଏରେ ଉପସ୍ଥାପନ କରିବେ। ଏଥିସହିତ ସିଏମ୍ଏ ସଦସ୍ୟତା ସଂଖ୍ୟା ବୃଦ୍ଧି କରିବା ମଧ୍ୟ ତାଙ୍କର ଏକ ମୁଖ୍ୟ ଅଗ୍ରାଧିକାର କାର୍ଯ୍ୟ ହେବ।

ତାଙ୍କର ନିର୍ବାଚନ ସମ୍ପର୍କରେ ପ୍ରକାଶ କରି ଶ୍ରୀ ପାର୍ଥ ଜିନ୍ଦଲ, ପ୍ରେସିଡେଣ୍ଟ, ସିମେଣ୍ଟ ମାନୁଫାକ୍ଚରର୍ସ ଆସୋସିଏସନ୍ (ସିଏମ୍ଏ) କହିଥିଲେ, 'ସିଏମ୍ଏର ପ୍ରେସିଡେଣ୍ଟ ଦାୟିତ୍ୱ ଗ୍ରହଣ କରି ମୁଁ ଅତ୍ୟନ୍ତ ଆନନ୍ଦିତ ଅଛି। ସିମେଣ୍ଟ ଶିଳ୍ପ ସମ୍ପ୍ରତି ଦ୍ରୁତ ଭିତ୍ତିଭୂମି ଅଭିବୃଦ୍ଧି ଓ ଦୀର୍ଘସ୍ଥାୟୀ ଅନିବାର୍ଯ୍ୟତା ମଧ୍ୟରେ ସନ୍ତୁଳନ ରକ୍ଷା କରୁଛି। କେନ୍ଦ୍ର ଓ ରାଜ୍ୟ ସ୍ତରରେ ନୀତି ନିର୍ଦ୍ଧାରଣ କାରୀଙ୍କ ସହିତ ଗଭୀର ସହଯୋଗୀତା ରକ୍ଷା କରିବା ଉପରେ ମୋର ଦୃଷ୍ଟିନିବଦ୍ଧ ରହିବ ଯାହାଦ୍ୱାରା ଭାରତୀୟ ସିମେଣ୍ଟ ଶିଳ୍ପ ବିଶ୍ୱସ୍ତରରେ ପ୍ରତିଯୋଗିତାମୂଳକ ରହିବା ସହିତ ଭାରତର ଦୀର୍ଘସୂତ୍ରୀ ବିକାଶ ଲକ୍ଷ୍ୟସମୂହ ପ୍ରତି ଅବଦାନ ରଖିବାରେ ଏକନିଷ୍ଠ ରହିବା ସୁନିଶ୍ଚିତ ହୋଇପାରିବ। ଡ. ରାଘବପତ୍ ସିଂଘାଣିଆ, ଭାଇସ୍ ପ୍ରେସିଡେଣ୍ଟ, ଜେ କେ ସିମେଣ୍ଟ ଲିମିଟେଡ ଜଣେ ପୋଖତ ବ୍ୟବସାୟିକ ନେତୃତ୍ୱ ଏବଂ ତାଙ୍କର ଗ୍ରେ ଓ ହ୍ୱାଇଟ ସିମେଣ୍ଟ ଶିଳ୍ପରେ ବ୍ୟାପକ ଅଭିଜ୍ଞତା ରହିଛି। ନୂତନ ଯୁଗର ନିର୍ମାଣ ସାମଗ୍ରୀ ସମ୍ପର୍କରେ ଗବେଷଣା କରିବାରେ ତାଙ୍କର ଗଭୀର ଆଗ୍ରହ ରହିଛି। ଏହି କ୍ଷେତ୍ରରେ ତାଙ୍କର ବ୍ୟାପକ ଅନୁଭୂତି ସହିତ ଶ୍ରୀ ସିଂଘାଣିଆ ଶିଳ୍ପ ସପକ୍ଷରେ ମଜଭୁତ ଯୁକ୍ତି ଉପସ୍ଥାପନ ଏବଂ ନିୟୋଜନତା ଦ୍ୱାରା ସିଏମ୍ଏର ଲକ୍ଷ୍ୟସମୂହକୁ ଆଗକୁ ଆଗେଇନେବା ଆଶା କରାଯାଉଛି।

ଡ. ରାଘାବପତ୍ ସିଂଘାଣିଆ, ଭାଇସ୍ ପ୍ରେସିଡେଣ୍ଟ, ସିମେଣ୍ଟ ମାନୁଫାକ୍ଚରର୍ସ ଆସୋସିଏସନ (ସିଏମ୍ଏ) କହିଥିଲେ, 'ସିମେଣ୍ଟ ମାନୁଫାକ୍ଚରର୍ସ ଆସୋସିଏସନର ଭାଇସ୍ ପ୍ରେସିଡେଣ୍ଟ ଦାୟିତ୍ୱ ଗ୍ରହଣ କରି ନିଜକୁ ମୁଁ ଗୌରବାନ୍ୱିତ ମନେ କରୁଛି। ଭାରତୀୟ ସିମେଣ୍ଟ ଶିଳ୍ପ ଏକ ଗୁରୁତ୍ୱପୂର୍ଣ୍ଣ ସନ୍ଧିକ୍ଷଣରେ ରହିଛି, ଯେଉଁଠାରେ ଦୀର୍ଘସ୍ଥାୟିତା, ନବସୃଜନ ଏବଂ ପ୍ରତିଦ୍ୱନ୍ଦ୍ୱିତା ସାମର୍ଥ୍ୟ ଏକତ୍ର ଆଗକୁ ବଢିବାର ଜରୁରୀ ଆବଶ୍ୟକତା ରହିଛି। ସିଏମ୍ଏ ଭାରତ ସରକାରଙ୍କର ୨୦୭୦ ସୁଦ୍ଧା ନେଟ୍ ଜିରୋ ଲକ୍ଷ୍ୟ ମୁତାବକ କାର୍ଯ୍ୟ କରୁଛି। ଆମର କାର୍ଯ୍ୟକଳାପ ଏବଂ ଭାରତର ଅଭିବୃଦ୍ଧି ତଥା ରାଷ୍ଟ୍ର ନିର୍ମାଣ ନିମନ୍ତେ ଆମର ନିରନ୍ତର ସହଭାଗୀତା ନିମନ୍ତେ ଆମର ନୀତିଗତ କାର୍ଯ୍ୟାବଳୀକୁ ଅଧିକ ଆଗେଇନେବା ନିମନ୍ତେ ସିଏମ୍ଏ କମ୍ପାନୀଗୁଡିକ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରିବାକୁ ମୁଁ ଆଗ୍ରହ ରଖୁଛି।

ସମ୍ମିଳିତ ଭାବରେ ପ୍ରେସିଡେଣ୍ଟ ଏବଂ ଭାଇସ୍ ପ୍ରେସିଡେଣ୍ଟ ସିଏମ୍ଏକୁ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ଏବଂ ଭବିଷ୍ୟତ ସମ୍ବଳିତ ନେତୃତ୍ୱ ପ୍ରଦାନ କରିବା ଆଶା କରାଯାଉଛି, ଯେଉଁଥିରେ ତାଜା ଦୃଷ୍ଟିକୋଣ ସହିତ ରଣକୌଶଳାତ୍ମକ ସ୍ୱଚ୍ଛତା ରହିଥିବ। ସିଏମ୍ଏର ନୀତିସମୂହ ସପକ୍ଷରେ ଯୁକ୍ତିକୁ ଅଧିକ ବଳଶାଳୀ କରିବା ତଥା ରାଷ୍ଟ୍ରନିର୍ମାଣ, ଭିତ୍ତିଭୂମିର ବିକାଶ ଏବଂ ଏକ ବିକଶିତ ଭାରତ ନିମନ୍ତେ ଦେଶର ଯାତ୍ରାରେ ସିମେଣ୍ଟ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପୁନଃଦୃଢୀକରଣ କରିବାରେ ସେମାନଙ୍କର ସମ୍ମିଳିତ ଆଭିମୁଖ୍ୟ ଆଶା କରାଯାଉଛି।

# ଓଡ଼ିଶାର ଉଦୀୟମାନ ଉଦ୍ଭାବକ କୋମଲ ୱାର୍ଲ୍ଡସ୍କିଲ୍ସ ଏସିଆ ୨୦୨୫ ରେ କାଂସ୍ୟ ଜିତିଲେ



ଭୁବନେଶ୍ୱର/ରାଉରକେଲା, ୧୮।୧୨ (ନି.ପ୍ର) : ରାଉରକେଲାର ଜଣେ ପ୍ରତିଭାବାନ ଯୁବ ଉଦ୍ଭାବକ କୋମଲ ପ୍ରତିଷ୍ଠିତ ୱାର୍ଲ୍ଡସ୍କିଲ୍ସ ଏସିଆ ୨୦୨୫ ରେ ଶିଳ୍ପ ଡିଜାଇନ୍ ପ୍ରଯୁକ୍ତିବିଦ୍ୟାରେ କାଂସ୍ୟ ପଦକ ଜିତି ବିଶ୍ୱ ଦକ୍ଷତା ମାନଚିତ୍ରରେ ଏକ ଗର୍ବର ସଫଳତା ହାସଲ କରିଛନ୍ତି। ତାଙ୍କର ବିଜୟ କେବଳ ଡିଜାଇନ୍-ନେତୃତ୍ୱାଧୀନ ଉତ୍ପାଦନ ଏବଂ ଇଞ୍ଜିନିୟରିଂରେ ଭାରତର ବର୍ଦ୍ଧିତ ଶକ୍ତିକୁ ପ୍ରତିଫଳିତ କରୁଛି ତାହା ନୁହଁ ବରଂ ଶିଳ୍ପ ୪.୦ ସୁଯୋଗ ପାଇଁ ପ୍ରସ୍ତୁତ ଉଚ୍ଚ-ସମ୍ଭାବ୍ୟ ବୈଷୟିକ ପ୍ରତିଭାକୁ ପୋଷଣ କରିବାରେ ଓଡ଼ିଶାର ଉଦୀୟମାନ ନେତୃତ୍ୱକୁ ମଧ୍ୟ ସୁଦୃଢ଼ କରୁଛି। କୋମଲଙ୍କ ପଦକ ବିଜୟୀ ପ୍ରଦର୍ଶନରେ ଡିଜାଇନ୍, ୩-ଡ଼ି ମଡେଲିଂ, ପ୍ରୋଡ଼କ୍ଟ ଇଞ୍ଜିନିୟରିଂ ଏବଂ ଉନ୍ନତ ଡିଜିଟାଲ୍ ପ୍ରୋଟୋଟାଇପିଂରେ ଅସାଧାରଣ ଦକ୍ଷତା ପ୍ରଦର୍ଶନ କରିଥିଲା - ଯାହା ଆଜି ଆଧୁନିକ ନବସୃଜନ ଏବଂ ଶିଳ୍ପ ପ୍ରତିଯୋଗିତାକୁ ପରିଭାଷିତ କରୁଛି। ତାଙ୍କର ଯାତ୍ରା - ପ୍ରଥମ ଡିଜାଇନ୍ ଇଞ୍ଜିନିୟରିଂ ଆବିଷ୍କାର କରିବା ଠାରୁ ଏସିଆର ସର୍ବବୃହତ ଦକ୍ଷତା ପର୍ଯ୍ୟାୟରେ ଭାରତକୁ ପ୍ରତିନିଧିତ୍ୱ କରିବାର ସୁଯୋଗ ହାସଲ କରିବା ପର୍ଯ୍ୟନ୍ତ - ନିଷ୍ଠା, ସମର୍ପଣ, ସୃଜନଶୀଳ ଚିନ୍ତାଧାରା ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟାର ନିପୁଣତାକୁ ପ୍ରଦର୍ଶନ କରେ। ମହାଦେଶର ଉତ୍କୃଷ୍ଟ ଯୁବ ଇଞ୍ଜିନିୟରିଂ ମାନସିକତା ସହିତ ପ୍ରତିଯୋଗିତା କରି, କୋମଲ ଜଟିଳ ସମସ୍ୟା ସମାଧାନ ଚ୍ୟାଲେଞ୍ଜଗୁଡ଼ିକ ମାଧ୍ୟମରେ ଉତ୍କର୍ଷ ପ୍ରଦର୍ଶନ କରିଥିଲେ ଯାହା ପାଇଁ ସଠିକତା, ଗତି ଏବଂ ନବସୃଜନ ଆବଶ୍ୟକ ଥିଲା। ପଦକ ବିଜେତାଙ୍କୁ ଅଭିନନ୍ଦନ ଜଣାଇ, ଭାରତ ସରକାରଙ୍କ ଦକ୍ଷତା ବିକାଶ ଏବଂ ଉଦ୍ୟୋଗୀତା ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଏବଂ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଜୟନ୍ତ ଚୌଧୁରୀ କହିଛନ୍ତି।

# ଆଇଆଇଟି ଭୁବନେଶ୍ୱରରେ ଦଶମ ଆଇସିସିଏମଏସ ୨୦୨୫ ଉଦଘାଟିତ

ଭୁବନେଶ୍ୱର, ୧୮।୧୨ (ନି.ପ୍ର): ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ଆଜି ୧୦ମ ଇଣ୍ଟରନ୍ୟାସନାଲ କଂଗ୍ରେସ ଅନ୍ କମ୍ପ୍ୟୁଟେସନାଲ୍ ମେକାନିକ୍ସ ଆଣ୍ଡ ସିମୁଲେସନ୍ (ଆଇସିସିଏମଏସ ୨୦୨୫) ର ଉଦଘାଟନ ସହିତ ଆଡଭାନ୍ସଡ୍ ଇଞ୍ଜିନିୟରିଂ ଆଲୋଚନା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ପ୍ଲାଟଫର୍ମ ପ୍ରଦାନ କରିଛି। ଇଣ୍ଡିଆନ୍ ଆସୋସିଏସନ୍ ଫର୍ କମ୍ପ୍ୟୁଟେସନାଲ୍ ମେକାନିକ୍ସ (ଇଣ୍ଡଆଇସିଏମ) ଏବଂ ଆଇଆଇଟି ଭୁବନେଶ୍ୱର ଦ୍ୱାରା ମିଳିତ ଭାବରେ ଆୟୋଜିତ, ଏହି ପ୍ରତିଷ୍ଠିତ ତିନି ଦିନିଆ ଅନ୍ତର୍ଜାତୀୟ କଂଗ୍ରେସ ୧୭ ରୁ ୧୯ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି, ଯେଉଁଥିରେ ଭାରତ ଏବଂ ବିଦେଶର ପ୍ରମୁଖ ଗବେଷକ, ଶିକ୍ଷାବିତ୍ ଏବଂ ଶିଳ୍ପ ବିଶେଷଜ୍ଞମାନେ ଏକତ୍ରିତ ହେଉଛନ୍ତି।

ପ୍ରତିଷ୍ଠାନ ଅଡିଟୋରିୟମରେ ଅନୁଷ୍ଠିତ ଏହି ଉଦଘାଟନୀ ସମାରୋହ ଉଚ୍ଚସ୍ତରୀୟ ବୈଜ୍ଞାନିକ ସମ୍ପର୍କ ଏବଂ ଆନ୍ତଃବିଭାଗୀୟ ଆଦାନପ୍ରଦାନ ପାଇଁ ସ୍ୱର ପ୍ରସ୍ତୁତ କରିଥିଲା। ଏହି କାର୍ଯ୍ୟକ୍ରମରେ ଏହି କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ, ଯେଉଁଥିରେ ପ୍ରଫେସର ଏମେରିଟସ୍, ଆଇଆଇଟି ବମ୍ବେ, ଇଣ୍ଡସିଏମ୍ ର ପ୍ରତିଷ୍ଠାତା ସଭାପତି ଏବଂ




ଆଇସିସିଏମ୍ଏସ୍ ୨୦୨୫ ପାଇଁ ପରାମର୍ଶଦାତା ପ୍ରଫେସର ତରୁଣକାନ୍ତ; ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକର; ଆଇଆଇଟି ଭୁବନେଶ୍ୱରର ଡିନ୍ (ନିରନ୍ତର ଶିକ୍ଷା) ପ୍ରଫେସର ଭି. ପାଣ୍ଡୁ ରଙ୍ଗା ଏବଂ ଇଣ୍ଡସିଏମ୍ ର ସାଧାରଣ ସମ୍ପାଦକ ବସନ୍ତ ମସଗର ପ୍ରମୁଖ ସାମିଲ ଥିଲେ। ସମ୍ମିଳନୀର ଅଧ୍ୟକ୍ଷ ଡକ୍ଟର ଶରତ କୁମାର ପଣ୍ଡାଙ୍କ ସ୍ୱାଗତ ଭାଷଣ ଏବଂ ଆଇସିସିଏମ୍ ଏସ୍ ୨୦୨୫ର ଏକ ସମୀକ୍ଷା ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।

ସମାବେଶକୁ ସମ୍ବୋଧିତ କରି ପ୍ରଫେସର କରମଲକର ପ୍ରତିଷ୍ଠାନର ଦ୍ରୁତ ଶୈକ୍ଷିକ ଏବଂ ଗବେଷଣା ଅଭିବୃଦ୍ଧି ଉପରେ ଆଲୋକପାତ କରିଥିଲେ, ଯାହା ଆନ୍ତଃବିଷୟିକ ଗବେଷଣା, ଶିଳ୍ପ-ଶିକ୍ଷା ସହଯୋଗ ଏବଂ ଉଦ୍ୟୋଗ ଉପରେ ଗୁରୁତ୍ୱ ଦ୍ୱାରା ପରିଚାଳିତ, ପ୍ରାୟ ୧୨୦ଟି ଷ୍ଟାର୍ଟଅପ୍ ବର୍ତ୍ତମାନ କ୍ୟାମ୍ପସରେ ପରାମର୍ଶଦାତା ଅଛନ୍ତି। ସେ ଉଲ୍ଲେଖ କରିଥିଲେ ଯେ ଆଇଆଇଟି ଭୁବନେଶ୍ୱର ସାମ୍ପ୍ରତିକ ବର୍ଷଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି କରିଛି, ଯେଉଁଥିରେ ଏନଆଇଆରଏଫ ରାଙ୍କିଂରେ ୧୫ଟି ସ୍ଥାନର ଉନ୍ନତି ଅନ୍ତର୍ଭୁକ୍ତ, ଯାହା ଏହାର ସ୍ଥିର ସଂସ୍ଥାଗତ ପ୍ରଗତିକୁ ପ୍ରତିଫଳିତ କରେ। ଆଇସିସିଏମଏସ ୨୦୨୫ ର ପ୍ରାସଙ୍ଗିକତା ଉପରେ ଗୁରୁତ୍ୱାରୋପ କରି ସେ କହିଥିଲେ ଯେ ଜଟିଳ ଇଞ୍ଜିନିୟରିଂ ଏବଂ ଜଳବାୟୁ-ସମ୍ବନ୍ଧୀୟ ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରିବାରେ କମ୍ପ୍ୟୁଟେସନାଲ୍ ମେକାନିକ୍ସ ଏବଂ ସିମୁଲେସନ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ଏବଂ କଂଗ୍ରେସ ଆୟୋଜନ ଜାତୀୟ ଏବଂ ବିଶ୍ୱ ବୈଜ୍ଞାନିକ ପ୍ରଗତିରେ ଯୋଗଦାନ ଦେବାର ପ୍ରତିଷ୍ଠାନର ଦୃଷ୍ଟିକୋଣ ସହିତ ଘନିଷ୍ଠ ଭାବରେ ସମନ୍ୱିତ।

ପ୍ରଫେସର ତରୁଣ କାନ୍ତ ତାଙ୍କ ଭାଷଣରେ ଇଣ୍ଡସିଏମର ୨୫ ବର୍ଷର ଯାତ୍ରା ଏବଂ ୨୦୦୪ ରେ ଏହାର ପ୍ରତିଷ୍ଠା ପରଠାରୁ ଆଇସିସିଏମଏସର ବିବର୍ତ୍ତନ ଉପରେ ପ୍ରତିଫଳିତ କରିଥିଲେୟ ସେ ଜ୍ଞାନର ଏହି କ୍ଷେତ୍ରର ବିବର୍ତ୍ତନ ଏବଂ ଅଭିବୃଦ୍ଧି ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ସେ ବୈଜ୍ଞାନିକ ଶୃଙ୍ଖଳାଗୁଡ଼ିକରେ ଗଣନାର ସର୍ବବ୍ୟବସ୍ଥିତି ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଗଣନା ମେକାନିକ୍ସର ଐତିହାସିକ ବିକାଶ, ବିଶେଷକରି ଡିଜିଟାଲ କମ୍ପ୍ୟୁଟିଂ ଦ୍ୱାରା ସକ୍ଷମ ସଂଖ୍ୟାତ୍ମକ ଏବଂ ସସୀମ ଉପାଦାନ ପଦ୍ଧତିର ଉ□ାନକୁ ଖୋଜିଥିଲେ। ଜଟିଳ, ଯୁଗ୍ମ ବାସ୍ତବ-ବିଶ୍ୱ ଇଞ୍ଜିନିୟରିଂ ସମସ୍ୟା ସମାଧାନରେ କ୍ଷେତ୍ରର ପରିବର୍ତ୍ତନକାରୀ ଭୂମିକା ଉପରେ ଆଲୋକପାତ କରି, ସେ ଉଲ୍ଲେଖ କରିଥିଲେ ଯେ ଆଇସିସିଏମଏସ ଆନ୍ତଃବିଷୟିକ ଗବେଷଣାକୁ ଆଗକୁ ବଢ଼ାଇବା ଏବଂ ବିଶ୍ୱ ଗଣନା ମେକାନିକ୍ସ ସମ୍ପ୍ରଦାୟକୁ ସୁଦୃଢ଼ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିଆସୁଛି।

# ବେଦାନ୍ତ ଝାରସୁଗୁଡା ସୁରକ୍ଷା ସଂସ୍କୃତିକୁ ସୁଦୃଢ଼ କରିବା ପାଇଁ 'ସେଫ୍ଟି ଅନ୍ ହ୍ୱିଲ୍ସ - ସୁରକ୍ଷା ସଫର'ର ଶୁଭାରମ୍ଭ



ଝାରସୁଗୁଡା, ୧୮।୧୨ (ନି.ପ୍ର) : ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏହାର ସୁରକ୍ଷା-ପ୍ରଥମ ସଂସ୍କୃତିକୁ ସୁଦୃଢ଼ କରିବା ପାଇଁ ଏହାର ଝାରସୁଗୁଡା ସୁବିଧାରେ 'ସେଫ୍ଟି ଅନ୍ ହ୍ୱିଲ୍ସ - ସୁରକ୍ଷା ସଫର' ଏକ ସୁରକ୍ଷା ପଦକ୍ଷେପ ଆରମ୍ଭ କରିଛି। ଏହି କାର୍ଯ୍ୟକ୍ରମରେ ବ୍ୟବସାୟିକ ଅଂଶୀଦାର ପରିବହନ ବସ୍‌ରେ ଏକ ଅନ୍‌ବୋର୍ଡ ଡିସପ୍ଲେ ସିଷ୍ଟମ୍ ରହିଛି, ଯାହା ଦୈନନ୍ଦିନ ଯାତାୟାତ ସମୟରେ କାର୍ଯ୍ୟ-କ୍ଷେତ୍ର-ନିର୍ଦ୍ଦିଷ୍ଟ ସୁରକ୍ଷା ଭିଡିଓଗୁଡ଼ିକୁ ନିରନ୍ତର ସ୍କ୍ରିନିଂ କରିଥାଏ। ନିୟମିତ ଯାତ୍ରାରେ ସୁରକ୍ଷା ଯୋଗାଯୋଗକୁ ସନ୍ନିବେଶ କରି, କମ୍ପାନୀ ସୁରକ୍ଷା ସଚେତନତାକୁ ଦୈନନ୍ଦିନ ଅଭିଜ୍ଞତାର ଏକ ଅବିଚ୍ଛେଦ୍ୟ ଅଂଶ କରିବାକୁ ଲକ୍ଷ୍ୟ ରଖିଛି, ଦୋକାନ ବାହାରେ ନିରାପଦ ଆଚରଣକୁ ସୁଦୃଢ଼ କରିଥାଏ।

ନିରନ୍ତର ନିୟୋଜିତତା ଏବଂ ଅଭିନବ ହସ୍ତକ୍ଷେପ ଦ୍ୱାରା ସୁରକ୍ଷା ବେଦାନ୍ତ ଆଲୁମିନିୟମରେ ଏକ ମୂଳ ମୂଲ୍ୟ ରହିଛି। 'ସୁରକ୍ଷା ସଫର' ସୁରକ୍ଷା ସଚେତନତାକୁ ଦୈନନ୍ଦିନ କାର୍ଯ୍ୟର ଏକ ଅବିଚ୍ଛେଦ୍ୟ ଅଂଶ କରି ଏହି ଦର୍ଶନକୁ ଜୀବନ୍ତ କରିଥାଏ। ଅନବୋର୍ଡ ଡିସପ୍ଲେ ସିଷ୍ଟମ ଯାତ୍ରା ସମୟରେ କ୍ୟୁରେଟେଡ୍, କାର୍ଯ୍ୟକ୍ଷେତ୍ର ନିର୍ଦ୍ଦିଷ୍ଟ ସୁରକ୍ଷା ଭିଡିଓ ସ୍କ୍ରିନ୍ କରେ, ପ୍ରାସଙ୍ଗିକତା, ବ୍ୟବହାରିକ ପ୍ରଯୁଜ୍ୟତା ଏବଂ ନିରନ୍ତର ସମ୍ପର୍କ ସୁନିଶ୍ଚିତ କରେ। ଏହି ପଦକ୍ଷେପ କମ୍ପାନୀର ଦୃଢ଼ ସୁରକ୍ଷା ଢାଂଚାକୁ ପରିପୂର୍ଣ୍ଣ କରେ, ଯେଉଁଥିରେ ନିୟମିତ ତାଲିମ କାର୍ଯ୍ୟକ୍ରମ, ମକ୍ ଡ୍ରିଲ୍ ଏବଂ ଡିଜିଟାଲ୍ ସୁରକ୍ଷା ଅଭିଯାନ ଅନ୍ତର୍ଭୁକ୍ତ, ଏକ ସଂସ୍କୃତି ସୃଷ୍ଟି କରେ ଯେଉଁଠାରେ ସୁରକ୍ଷା ଦ୍ୱିତୀୟ ପ୍ରକୃତି।

# ୪ ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି କରିଛି ଫ୍ଲିପକାର୍ଟ

ଭୁବନେଶ୍ୱର, ୧୮।୧(ନି.ପ୍ର) : ୨୦୨୫ରେ ଫ୍ଲିପକାର୍ଟ ଏହାର ପ୍ଲାଟଫର୍ମ ବ୍ୟାପକ ବୃଦ୍ଧି ପରିଲିକ୍ଷିତ କରିଛି। ବିଗ୍ ବିଲିୟନ ଡେଜ୍ ସେଲ୍ ସମୟରେ କମ୍ପାନୀ ତାହାର ଶକ୍ତିଶାଳୀ ଲଜିଷ୍ଟିକ୍ସ ନେଟୱର୍କ ଦ୍ୱାରା ରେକର୍ଡ ଅର୍ଡର ପୂରଣ କରିପାରିବା ସହ ଦ୍ରୁତ ଡେଲିଭରିକୁ ସମ୍ଭବ କରିପାରିଛି। ଏତତ୍ ବାଦ ଉକ୍ତ ପାର୍ବଣ ସମୟରେ ଫ୍ଲିପକାର୍ଟ ୪ ଲକ୍ଷରୁ ଅଧିକ ଅସ୍ଥାୟୀ ନିଯୁକ୍ତି ସୃଷ୍ଟି କରିଛି। ସେମ୍ ଡେ ଓ ନେକ୍ସଟ ଡେ ଡେଲିଭରିରେ ୪୪% ବୃଦ୍ଧି କରିଛି। ଟିଅର୍ ୨ ଓ ୩ ସହରରୁ ଅଧିକ ଚାହିଦା ଆସିଥିବାରୁ ଫ୍ଲିପକାର୍ଟ ତାହାର ଟେକ୍ନୋଲୋଜିକୁ ଭଲଭାବେ ବ୍ୟବହାର କରି ପାର୍ବଣ ସମୟରେ ଗ୍ରାହକଙ୍କୁ ଦ୍ରୁତ ସେବା ଯୋଗାଇ ଦେଇପାରିଛି।

ଏସମ୍ପର୍କରେ ଫ୍ଲିପକାର୍ଟ ଗ୍ରୁପର ସପ୍ଲାଇ ଚେନ, କଷ୍ଟମର ଏକ୍ସପେରିଏନ୍ସ ଓ ରିକମର୍ସ ବିଭାଗର ମୁଖ୍ୟ ଓ ବରିଷ୍ଠ ଉପାଧ୍ୟକ୍ଷ ହେମନ୍ତ ବଦ୍ରୀ କହିଛନ୍ତି, 'ଏହି ପାର୍ବଣ ଋତୁ ସ୍ଥିରତା, ବିସ୍ତାର ଓ ସଠିକତାର ଏକ ପ୍ରକୃତ ପରୀକ୍ଷା ଅଟେ ଏବଂ ଆମର ଯୋଗାଣ ଶୃଙ୍ଖଳା ଲୋକ, ପ୍ରକ୍ରିୟା ଓ ଟେକ୍ନୋଲୋଜି ବ୍ୟାପକ ସ୍ତରରେ ଏକାଠି ହେଲେ ପ୍ରକୃତରେ ସେତେବେଳେ କ'ଣ ସମ୍ଭବ ହୋଇଥାଏ ତାହାକୁ ପ୍ରଦର୍ଶିତ କରିଛି।




କିଛି ମିନିଟରେ ବୃହତ ଆପ୍ଲାଏନ୍ସଗୁଡିକୁ ଡେଲିଭର କରିବାଠାରୁ ଆରମ୍ଭ କରି ଦେଶର ସୁଦୂର କୋଣଅନୁକୋଣରେ ଡେଲିଭରିଗୁଡିକୁ ସକ୍ଷମ କରିବା ପର୍ଯ୍ୟନ୍ତ, ଆମର ନେଟୱର୍କକୁ ଚାହିଦାକୁ ପୂରଣ କରିବା ପାଇଁ ନିର୍ମାଣ କରାଯାଇଥିଲା।

ପିକ୍ ସେଲ୍ ଦିନଗୁଡିକରେ ଫ୍ଲିପକାର୍ଟ ପ୍ରତି ମିନିଟରେ ୫,୦୦୦ରୁ ଅଧିକ ସିପମେଂଟ ପରିଚାଳନା କରୁଛି। ଯାହାକି ଦର୍ଶାଉଛି ଯେ କମ୍ପାନୀର ଯୋଗାଣ ଶୃଙ୍ଖଳା ଟେକ୍ନୋଲୋଜି ଭିତିକ ଓ ଚାହିଦା ଅନୁଯାୟୀ ଦ୍ରୁତ ସେବା ଦେବାରେ ସକ୍ଷମ। ଗତବର୍ଷ ତୁଳନାରେ ସେମ୍ ଡେ ଓ ନେକ୍ସଟ ଡେ ଡେଲିଭରିରେ ୪୪% ବୃଦ୍ଧି ହୋଇଛି, ଯାହା ଗ୍ରାହକଙ୍କ ବଢୁଥିବା ଆଶା ଓ ଫ୍ଲିପକାର୍ଟର ଶେଷ-ଦୂରତା ସେବାକୁ ଆଉ ଶକ୍ତିଶାଳୀ କରି ପାରିଛି। ଗୋଟିଏ ଦିନରେ ୭.୩ ମିଲିୟନରୁ ଅଧିକ ସିପମେଂଟ ପୂରଣ କରିବା ଅର୍ଥାତ୍ ପ୍ରତି ଘଂଟାରେ ୩ ଲକ୍ଷରୁ ଅଧିକ ଫ୍ଲିପକାର୍ଟର ନେଟୱର୍କର ବ୍ୟାପକ କ୍ଷମତାକୁ ପ୍ରମାଣ କରିଛି। ଏକ ଆକର୍ଷଣୀୟ ଉଦାହରଣ ହେଉଛି ଗୋଟିଏ ଆପ୍ଲାଏନ୍ସକୁ ମଧ୍ୟରାତ୍ରିରେ କେବଳ ୧୫ ମିନିଟରେ ଡେଲିଭର କରାଯାଇଥିଲା। ଏକ ଟିଭି ଇନ୍‌ଷ୍ଟଲେସନ ମଧ୍ୟ ଡେଲିଭରି ପରେ ୩୬ ମିନିଟ ମଧ୍ୟରେ ସମ୍ପୂର୍ଣ୍ଣ କରାଯାଇଥିଲା। ଏହି ସବୁ ଘଟଣା ଗ୍ରାହକ ସନ୍ତୋଷରେ ନୂଆ ମାନଦଣ୍ଡ ସୃଷ୍ଟି କରିଛି । ପାର୍ବଣ ସମୟରେ ଫ୍ଲିପକାର୍ଟର ପରିଚାଳନା ଏକ ସ୍ମାର୍ଟ ଓ ଇଂଟେଲିଜେଂଟ ସପ୍ଲାଏ ଚେନ୍ ଦ୍ୱାରା ପରିଚାଳିତ ହେଉଥିଲା, ଯାହା ଦ୍ରୁତ ଓ ନିରନ୍ତର ଭାବରେ କୋଟି କୋଟି ୟୁନିଟ୍‌କୁ ଗ୍ରାହକଙ୍କ ପହଂଚାଇବାକୁ ସକ୍ଷମ ହୋଇଥିଲା।

# ସଲଭ ଫର ଟୁମରୋ ୨୦୨୫: ଯୁବ ଉଦ୍ଭାବକଗଣ ଏଆଇର ବ୍ୟବହାର ପୂର୍ବକ ଭାରତରେ ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଏବଂ କଲ୍ୟାଣକାରୀତାର ରୂପାନ୍ତରୀକରଣ କରିପାରିବେ

ଭୁବନେଶ୍ୱର, ୧୮।୧୨ (ନି.ପ୍ର): ସ୍ୱାସ୍ଥ୍ୟ ଯତ୍ନ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାର ଭୂମିକା କେବଳ ଭବିଷ୍ୟତବାଦୀ ନୁହେଁ - ଏହା ଯଥାର୍ଥରେ ନିଦାନ, ଯତ୍ନ ଏବଂ ରୋଗୀ ମାନଙ୍କୁ ସମ୍ମାନ ଦେବା କ୍ଷେତ୍ରରେ ଆଜି ଏକ ପୁନଃସଂଜ୍ଞାକରଣ ଅଟେ। ସାମସଙ୍ଗ ସଲଭ ଫର ଟୁମରୋ ୨୦୨୫, ଆଇଆଇଟି ଦିଲ୍ଲୀର ସହଭାଗୀତାରେ, ଦେଶର କୋଣ ଅନୁକୋଣରୁ ହଜାର ହଜାର ବିଦ୍ୟାର୍ଥୀଙ୍କୁ ଏକାଠି କରି ଏଆଇ ସମାଧାନର ବାସ୍ତବ ଦୁନିଆ ତଥା ଏଆଇ-ପ୍ରଥମ, ମାନବ-କୈନ୍ଦ୍ରିକ ସମାଧାନକୁ ଡ଼ିଜାଇନ କରିଛି ସେହି ପ୍ରସଙ୍ଗ ଉପରେ ଯାହାର ବିଷୟବସ୍ତୁ ହେଉଛି 'ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଏବଂ କଲ୍ୟାଣକାରୀତାର ଭବିଷ୍ୟତ'।

ବିଦ୍ୟାର୍ଥୀ ମାନେ ସ୍ୱାସ୍ଥ୍ୟ ଯତ୍ନର ଜ୍ଞାନକୌଶଳକୁ ଗ୍ରହଣ କରିବା ନିମନ୍ତେ ଏଥିପାଇଁ ଆମନ୍ତ୍ରିତ ହେବା ସଙ୍ଗେ ସଙ୍ଗେ ସ୍ୱଚ୍ଛତା, ପରିଷ୍କୃତତା, ସୁକ୍ଷମତା, ଆବେଗଭରା କଲ୍ୟାଣକାରୀତା ଏବଂ ଯତ୍ନଶୀଳତାର ସୁସ୍ଥତା ପାଇଁ ଏକ ଉନ୍ନତ ସ୍ୱାସ୍ଥ୍ୟ ସେବାକୁ ସଠିକ୍ ଢ଼ଙ୍ଗରେ ଆଣି ତଥା ଏହାକୁ କୌଣସି ଆଡ଼ମ୍ବରପୂର୍ଣ୍ଣତାରେ ନ ରଖି ସୁନିଶ୍ଚିତ କରିବାର ଲକ୍ଷ୍ୟ ରଖିଛି।

ଆଲକେମିଷ୍ଟ, ବିଆରଏଚ୍ଏମ, ହିୟରବାଇଟ, ପିଙ୍କବ୍ରିଗେଡ଼ିୟସ ଭଳି ଦଳ ଗୁଡ଼ିକ ଏଭଳି ନବୀନତମତାକୁ ବିବିଧ ପରିଚାଳିତ ବାୟୋନିକ୍ ହସ୍ତଚାଳିତ ଠାରୁ ଆଣି ଏଆଇର ଦୈନିକ ପରୀକ୍ଷଣ କରିପାରିଛି। ହିୟରବାଇଟ (ଦିଲ୍ଲୀ) - ଏଆଇ କ୍ଷମତାଯୁକ୍ତ ଏକ କାଚ୍ ଯାହାକି ଭାଷଣକୁ ଅନୁଶୀଳନରେ ରୂପାନ୍ତରିତ କରିଥାଏ ଯାହା ଶ୍ରବଣ ଶକ୍ତି ଦୁର୍ବଳ ବ୍ୟକ୍ତିମାନଙ୍କୁ ସାହାଯ୍ୟ କରିଥାଏ। ଲୋକମାନଙ୍କ ଦ୍ୱାରା ଅନୁପ୍ରାଣୀତ ହୋଇ ଯେଉଁମାନେ କି ଠିକ୍ ଭାବରେ ଶୁଣିପାରନ୍ତି ନାହିଁ ତଥା କହିବା ସମୟରେ ସେମାନେ ଅନେକ ଗୁଡ଼ିଏ ନକାରାତ୍ମକ ସ୍ଥିତି ସମ୍ମୁଖୀନ ହୋଇଥାନ୍ତି, ପ୍ରନୀତ୍ ଭାରତର ଏଥିସହିତ ଅତିରିକ୍ତ ଭାବରେ ପ୍ରମୁଖ ଦଳ ପୁରସ୍କୃତ ହେବେ ଯାହା ମଧ୍ୟରେ ରହିଛି ୧ ଲକ୍ଷ ଟଙ୍କାର ଗ୍ରାଂଟ, ଗୁଡ଼ୱିଲ ଆୱାର୍ଡ଼ ତଥା ୟଙ୍ଗ ଇନୋଭେଟର ଆୱାର୍ଡ଼ ଏବଂ ୨୦ଟି ପ୍ରମୁଖ ଦଳକୁ ଗାଲାକ୍ସି ଜେଡ଼ ଫ୍ଲିପ୍ ସ୍ମାର୍ଟଫୋନ। ଏସଏଫଟି ୨୦୨୫ ଦୁଇ ଶ୍ରେଣୀୟ ଏବଂ ତିନି ଶ୍ରେଣୀୟ ସହର ଗୁଡ଼ିକରେ ରହିଥିବା ବ୍ୟାପକ ଅଂଶଗ୍ରହଣ କାରୀତା ସହିତ ଅଂଶଗ୍ରହଣକାରୀ ମାନେ ଯେଉଁ ସବୁ ଗ୍ରହଣକାରୀତାକୁ ଲାଭ କରିପାରିବେ ତାହା ମଧ୍ୟରେ ରହିଛି ଏଫଆଇଟିଟି ଲାବର ଗ୍ରହଣକାରୀତା, ଶିକ୍ଷା ଅନୁଷ୍ଠାନ ତଥା ଶିଳ୍ପ ଅନୁଷ୍ଠାନ ଗୁଡ଼ିକର ମେଂଟର ମାନଙ୍କ ଠାରୁ ତଥା ଡ଼ିଜାଇନ ଚିନ୍ତାକାରୀ ପ୍ରଶିକ୍ଷଣ ଯାହାକି ସହାନୁଭୂତି-ଚାଳିତ କାର୍ଯ୍ୟଧାରା ଉପରେ ଅଧିକ ଧ୍ୟାନ ତଥା ଗୁରୁତ୍ୱ ଦେଇଥାଏ ଏବଂ ଏଆଇ ଦାୟିତ୍ୱବୋଧତା ଇତ୍ୟାଦି। ୨୦୧୦ ମସିହାରୁ ୨.୯ ମିଲିୟନ ଯୁବ ପ୍ରତିଭାଧାରୀ ମାନଙ୍କୁ ୬୮ଟି ଦେଶ ମଧ୍ୟରୁ ଏଥିରେ ଏକାଠି କରି ଏସଏଫଟି ଅବିରତ ଭାବରେ ଭାରତରେ ପରବର୍ତି ପୀଢ଼ି ସମସ୍ୟା ସମାଧାନକାରୀ ମାନଙ୍କର ଆକୃତିକୁ ଯଥାର୍ଥରେ ଗଢ଼ି ଚାଲିଛି।

SAMSUNG

ଯନ୍ତ୍ରାଂଶ ସହିତ ସୂଚନା ପ୍ରଦାନକାରୀ ସ୍ତନସ୍ୱାସ୍ଥ୍ୟ ଆପ୍ ଏବଂ ଭାଷଣ ଅନୁମୋଦନକାରୀ ଯନ୍ତ୍ରାଂଶ ଗୁଡ଼ିକୁ ଭାରତର ଭାଷାଗତ ବିବିଧତା ସହିତ ଜ୍ଞାନକୌଶଳରେ ସଜ୍ଜିତ କରି ଏହା ଯଥାର୍ଥରେ ସମ୍ମାନ ଏବଂ ଯତ୍ନଶୀଳତାର ଗ୍ରହଣକାରୀତା ଉପରେ ଆଲୋକପାତ କରିଅଛି।

ଆଲକେମିଷ୍ଟ (ଆନ୍ଧ୍ର ପ୍ରଦେଶ)- ଏଆଇ-କ୍ଷମତାଯୁକ୍ତ ମଂଚ ସହିତ ଏହା ଗଭୀର ଭାବରେ ଅନେକ ଗୁଡ଼ିଏ ଶିକ୍ଷଣୀୟ ମଡ଼େଲ ଗୁଡ଼ିକୁ ଏକାଠି କରି ଉପ-ଚିକିତ୍ସାଗତ ସିଲିକୋସିସ୍‌କୁ ପରୀକ୍ଷଣ କରିପାରିଛି। ବିଆରଏଚ୍ଏମ (ଉତର ପ୍ରଦେଶ) -ସ୍ୱଳ୍ପ-ମୂଲ୍ୟଯୁକ୍ତ ବାୟୋନିକ୍‌କୁ ନେଇ ଏହା ଅକ୍ଷମ ବ୍ୟକ୍ତି ମାନଙ୍କ ସହିତ ଚଳମାନତାକୁ ଏକାଠି ପିଙ୍କବ୍ରିଗେଡ଼ିୟସ (ଓଡ଼ିଶା) - ଏକ ଭବିଷ୍ୟବାଣୀ ପ୍ରଦାନକାରୀ ଏଆଇ ଆପ ଯାହାକି ମହିଳା ମାନଙ୍କ ପାଇଁ ସେମାନଙ୍କର ସ୍ତନସ୍ୱାସ୍ଥ୍ୟର ଯତ୍ନ ଘରେ ରହି ସୁରକ୍ଷାକାରୀ ଫଳପ୍ରଦାନ ସହିତ ପାଇବାରେ ସହାୟକ ହୋଇଥାଏ।

୪ଟି ଜାତୀୟ ସ୍ତରର ବିଜେତାଙ୍କ ମଧ୍ୟରେ, ପାରାସ୍ପିକ ସବୁଠାରୁ ସ୍ଥିର ହୋଇ ଠିଆ ହୋଇ ରହିଛି। ଗୁରୁଗ୍ରାମର ଏକ ୧୬ ବର୍ଷ ବୟସର ଛାତ୍ର ପ୍ରନୀତ ଖେତାନ୍‌ଙ୍କ ଦ୍ୱାରା ବିକଶିତ ହୋଇଥିବା, ଏହା ଏକ କମ୍ପାକ୍ଟ ଏଆଇ ଉପକରଣ ଯାହା ଶ୍ରୁତିବାଧକ ମାନଙ୍କ ପାଇଁ ପରିଷ୍କାର ଶ୍ରୁତି ନିମନ୍ତେ ଏହା ପରିବର୍ତିତ ହୋଇଥାଏ, ପରିଷ୍କାର ଭାବରେ ଉଚ୍ଚାରଣ କରିପାରୁଥିବା ଏକ ସ୍ୱଚ୍ଛ ଯନ୍ତ୍ର ଅଟେ ଯାହା ମଧ୍ୟରେ ହିନ୍ଦୀ ଅନ୍ତର୍ଭୁକ୍ତ ରହିଛି। ସେହି ସର୍ବପ୍ରଥମ ଏକ ଡ଼ାଟା ସେଟ୍ ପ୍ରସ୍ତୁତ କରିଛନ୍ତି ଯାହାକି ହିନ୍ଦୀ ଭାଷାକୁ ସଠିକ୍ ଢ଼ଙ୍ଗରେ ଉପସ୍ଥାପିତ କରିପାରିଛି ଏଆଇ ସ୍ୱାସ୍ଥ୍ୟଯତ୍ନ ମଧ୍ୟରେ ଏକ ଅତି ଦୂରୁହ ସେତୁ ସ୍ଥାପନ କରି।

ସ୍ୱାସ୍ଥ୍ୟ ଏବଂ କଲ୍ୟାଣକାରୀତା ବାହାରେ ରହିଥିବା ଅନ୍ୟାନ୍ୟ ଉଦ୍ଭାବନକାରୀ ବିଜେତା ଏସଏଫଟି ୨୦୨୫ ଅନ୍ୟ କିଛିମାନଙ୍କୁ ସମ୍ମାନୀତ କରିଛି ଯେପରିକି: ନେକ୍ସଟ ପ୍ଲେଡ଼ଟ ଏଆଇ-ଏଆଇ ଖେଳକୁଦ ପ୍ରଶିକ୍ଷଣ ମଂଚ୍, ପରଶିଭିଆ -ଏଆଇ କ୍ଷମତାଯୁକ୍ତ ଏକ କାଚ୍‌ସମୂହ, ପ୍ରିଥିବୀ ରକ୍ଷକ - ଖେଳକୁଦଜନିତ ଚଳମାନ ଆପ୍ । ବିଜେତା ମାନେ ଆଇଆଇଟି ଦିଲ୍ଲୀ ଠାରେ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଇନକ୍ୟୁବେସନ ସମର୍ଥନକାରୀତା ପ୍ରାପ୍ତ ହୋଇପାରିବେ,

